ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.259 Bhubaneswar Sunday December 04 2022 | ୨୫ତମ ବର୍ଷ ସଂଖ୍ୟା-୨୫୯ ଭୁବନେଶ୍ୱର, ରବିବାର, ଡିସେମ୍ବର ୦୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

Government of Odisha

ODISHA
NEW OPPORTUNITIES

# LAST DAY

# OPEN FOR PUBLIC

MAKE IN
ODISHA
CONCLAVE'22
BHUBANESWAR | 30 NOV-04 DEC | 2022



**Shri Naveen Patnaik**
Hon'ble Chief Minister, Odisha

## 04th DEC. 2022 | JANATA MAIDAN | BHUBANESWAR

**Exhibition**
(11.00 am onwards)

**Food Court**

**Mega Cultural Program**
(5.30 pm onwards)


## COME, JOIN THE JUGGERNAUT

**No pass required for visitors | Entry: From Gate 1 & Gate 2**

Industry Partner: FICCI

Investment Promotion Advisor: pwc

Country Partners: Germany, Japan, Norway




DSPL-331
14005/13/0048/2223









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।


## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।


# ପୁରାଣ କାହାଣୀ

## ଅଂହକାରରୂପୀ ସାପ





ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିକିଁ ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ପଦ୍ମପୁର ଉପନିର୍ବାଚନ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରକୃତ ସ୍ୱରୂପ ପଦାରେ ପକାଇଛି



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କହିଛନ୍ତି ପଦ୍ମପୁର ଉପନିର୍ବାଚନରେ ଭୟ ସୃଷ୍ଟିକରି ଭୋଟ ଆପଣେଇବା ନିମନ୍ତେ ଉଭୟ ସରକାରୀ ଦଳ ଆୟକର ଚଢ଼ାଉ ଏବଂ ଜିଏସଟି ଚଢ଼ାଉ କରିଛନ୍ତି। ଏହା ନିର୍ବାଚନ ପୂର୍ବରୁ ବା ପରେ କରିଥିଲେ କାହାର କିଛି କହିବାର ନଥିଲା। ଏବେ ନିର୍ବାଚନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ବାଚନ ଉପରେ ପ୍ରଭାବ ପକାଇବା ପାଇଁ ନିଜ ନଜର ଏଜେନ୍ସିର ଦୁରୁପଯୋଗ କରି ଭୋଟକୁ ପ୍ରଭାବିତ କରିବାପାଇଁ ଚେଷ୍ଟା କରୁଛନ୍ତି ଏହା ତାଙ୍କପାଇଁ ବୁମେରାଂ ହେବ ବୋଲି ଶ୍ରୀ କାନୁନଗୋ ଅଭିଯୋଗ କରିଛନ୍ତି। ପରସ୍ପର ବିରୋଧରେ କଥା କଟାକଟି କରି ଉଭୟ ଦଳ ରଚିଥିବା ନାଟକ ମଧ୍ୟ ସାଧାରଣରେ ଧରାପଡ଼ିଯାଇଛି। ଏହା ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ମନରେ ଭୟ ସୃଷ୍ଟି କରିବା ଏବଂ ନିର୍ବାଚନୀ ଚାନ୍ଦା ଆଦାୟ ପାଇଁ କରାଯାଇଥିବାର ଚର୍ଚ୍ଚା ହେଉଛି। ସବୁବର୍ଗର ଲୋକଙ୍କୁ ପ୍ରଭାବିତ କରି ସରକାରୀ ରାଜକୋଷରୁ ଅର୍ଥ ଦେଇ ଭୋଟ ଆପଣେଇବାର ଉଦ୍ୟମ ସ୍ପଷ୍ଟ ବାରି ହେଉଛି। ଶୀତ ଆରମ୍ଭ ନ ହେଉଣୁ କମଳ ଓ ଟଙ୍କା ବଂଟା ଯାଉଛି। ଗତବର୍ଷ, ପୂର୍ବ ବର୍ଷ କ'ଣ ଶୀତ ନଥିଲା? ନିର୍ବାଚନ ପରେ ୬ ତାରିଖରେ ଦେଇଥିଲେ ଅସୁବିଧା କେଉଁଠି ଥିଲା? ରାଜ୍ୟ ନିର୍ବାଚନ ଅଧିକାରୀ ଓ କେନ୍ଦ୍ରୀୟ ନିର୍ବାଚନ କମିଶନ କ'ଣ ଆଖିବୁଜି ଶୋଇଛନ୍ତି ବୋଲି କଂଗ୍ରେସ ନେତା ଶ୍ରୀ କାନୁନଗୋ ପ୍ରଶ୍ନ କରିଛନ୍ତି। ଅଧିକନ୍ତୁ ନିର୍ବାଚନ ସମୟରେ ଟଙ୍କା ବଂଟନ ଓ ସଭାପାଇଁ ବିପୁଳ ଅର୍ଥ ବିନିଯୋଗ କ'ଣ ନିର୍ବାଚନ କମିଶନଙ୍କ ଆଖିରେ ପଡୁନାହିଁ। ଘୋଷଣା ସତ୍ୱେ ବିପୁଳ ମଦର ପ୍ରଚଳନ କ'ଣ ନିର୍ବାଚନ ଅଧିକାରୀ ପୋଲିସ ଓ ଅବକାରୀ ବିଭାଗ ଆଖିରେ ପଡୁନାହିଁ। ଇନକମ ଟ୍ୟାକ୍ସ ରେଡ଼ ବା ଜିଏସଟି ରେଡ଼ ନକରି ଅବକାରୀ ବା ପୋଲିସ ଚଢ଼ାଉ କରାଯାଇଥିଲେ ତାହା ଆଇନସମ୍ମତ ହୋଇଥାନ୍ତା। ପ୍ରତ୍ୟେକ ମିଶନ ଶକ୍ତି ମହିଳାମାନଙ୍କ ପାଇଁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ସ୍ୱାଗତଯୋଗ୍ୟ। ମାତ୍ର ନିର୍ବାଚନ ସମୟରେ ଏପରି ଘୋଷଣା କେଉଁ ଉଦ୍ଦେଶ୍ୟରେ। ନିର୍ବାଚନ ପରେ ଘୋଷଣା କରାଯାଇଥିଲେ କ'ଣ କ୍ଷତି ହୋଇଥାନ୍ତା! ନିର୍ବାଚନ କମିଶନର ସମ୍ମତ ଦେଇଥିଲେ କି? ଯଦି ନୁହେଁ ଏହା ନିର୍ବାଚନ ବିଧିବ୍ୟବସ୍ଥା ଭଙ୍ଗ କରୁନାହିଁ କି? ୨୦୨୧ ମସିହାରେ ଚାଷୀଙ୍କ ବୀମା ବାବଦ କ୍ଷତି ଭରଣା ନକରି ବିଜେପି ଓ ବିଜେଡ଼ି ପରସ୍ପରଙ୍କୁ ଉପରକୁ କାଦୁଅ ଫୋପାଡ଼ିବାରେ ଲାଗିଛନ୍ତି। ଚାଷୀଙ୍କ ପାଇଁ ଟିକସ ଇନପୁଟ ସବସିଡି ରାଜ୍ୟ ସରକାର ଘୋଷଣା କଲେ ମଧ୍ୟ ତାହା ଲୋକଙ୍କୁ ପ୍ରଭାବିତ କରିପାରିନାହିଁ। ଠିକ୍ ସେମିତି ଧାନ ବିକ୍ରିପାଇଁ ମଣ୍ଡି ନଖୋଲିବା ଏକ ପ୍ରହସନ ବୋଲି ଲୋକଙ୍କର ଧାରଣା। ନିର୍ବାଚନ ସମୟରେ ପଦ୍ମପୁର ଭୋଟରମାନଙ୍କୁ ପ୍ରଭାବିତ କରିବାପାଇଁ ମୁଖ୍ୟମନ୍ତ୍ରୀ ପଦ୍ମପୁରକୁ ନୂତନ ଜିଲ୍ଲା ଗଠନ କରିବାପାଇଁ ଘୋଷଣା କରିଥିଲେ, କିନ୍ତୁ ବିଧାନସଭାରେ ଏକ ପ୍ରଶ୍ନର ଉତର ଦେଇ ରାଜସ୍ୱମନ୍ତ୍ରୀ ସରକାରଙ୍କର ନୂତନ ଜିଲ୍ଲା ସୃଷ୍ଟିର କୌଣସି ଯୋଜନା ନାହିଁ ବୋଲି ପ୍ରକାଶ କରିଥିଲେ।

ଉଭୟ ଦଳର କାର୍ଯ୍ୟକଳାପ ତାଙ୍କର ଦୁଇ ପ୍ରାର୍ଥୀଙ୍କୁ ଦଳର ନିଷ୍ପତି ପାଇଁ ସଂଦେହ ଘେରକୁ ଠେଲି ଦେଇଛି। ତେବେ ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କ ବିଧାୟକ ସମୟରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟପାଇଁ ଏବେବି ସେ ପଦ୍ମପୁରରେ ଲୋକପ୍ରିୟ ଭାବେ ପରିଗଣିତ। ଦଳର ସମସ୍ତ ବରିଷ୍ଠ ନେତାମାନେ ସେଠାରେ ନିର୍ବାଚନ ମୈଦାନରେ ଅଛନ୍ତି। କର୍ମୀମାନେ ମଧ୍ୟ ଉତ୍ସାହିତ ଅଛନ୍ତି। ସତ୍ୟବାବୁଙ୍କ ପ୍ରତି ଧିରେ ଧିରେ ଲୋକପ୍ରିୟତା ବୃଦ୍ଧି ଓ ଲୋକସମର୍ଥନ ବଢ଼ିବା ଉଭୟ ଦଳ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏହି ଦୁଇଦଳ ଭୋଟ ସମୟରେ ଅନେକ ଘୋଷଣା କରି ଭୋଟରମାନଙ୍କୁ ପ୍ରଭାବିତ କରିବାର ଯେଉଁ ଅପଚେଷ୍ଟା କରୁଛନ୍ତି, ତାହା ବୃଥା ହେବ ବୋଲି ଶ୍ରୀ କାନୁନଗୋ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମନୋରଂଜନ ଦାଶ, ଚିନ୍ମୟ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅମଡ଼ା ବାଟରେ ମଲାଜହ୍ନର ସତୀ

••••••••••••ଅନୁପମା ଭୂୟାଁ••••••••••••

**ସେ** ଥିଲେ କୋକିଳକଣ୍ଠୀ। ନୃତ୍ୟରେ ନିପୁଣା ଆଉ ଅଭିନୟରେ ଅଦ୍ୱିତୀୟା। ଶିକ୍ଷାଦୀକ୍ଷାରେ ଧୁରନ୍ଧର ଆଉ ସାମାଜିକ ସଂପର୍କ ସ୍ଥାପନରେ ବିଚକ୍ଷଣ। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅମଡ଼ା ବାଟର ପଥିକ ହୋଇ ଅନ୍ୟମାନଙ୍କୁ ବାଟ କଢ଼ାଇ ଥିବା ବିଶିଷ୍ଟ ଅଭିନେତ୍ରୀ ଝରଣା ଦାସ ଆଉ ନାହାନ୍ତି।

ତାଙ୍କ କଣ୍ଠସ୍ୱର ବେଶ୍ ଚମତ୍କାର ଥିଲା। ଯିଏ ଥରେ ରେଡ଼ିଓରେ ତାଙ୍କ କଣ୍ଠସ୍ୱର ଶୁଣିଛି ସେ ଅନ୍ତତଃପକ୍ଷେ ଜୀବନ ଥିବା ଯାଏ ଭୁଲିବା ମୁସ୍କିଲ। ଯୁବତୀ ସମୟରେ ଯେଉଁଭଳି କଣ୍ଠ ଥିଲା, ବୟସର ଅପରାହ୍ନରେ ମଧ୍ୟ ସ୍ୱରର ଦମ୍ ଠିକ ସେହିଭଳି ରହିଥିଲା। ସେଥିପାଇଁ ରେଡ଼ିଓ ଅଭିନୟରେ ସେ ଥିଲେ ସର୍ବୋଚ୍ଚ ସ୍ତରରେ। ଏମିତିକି ୭୫ ବର୍ଷ ବୟସରେ ଆକାଶବାଣୀର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ୨୨ ବର୍ଷୀୟା ଯୁବତୀଙ୍କ ଭୂମିକାରେ ଶୁଣିବାକୁ ମିଳିଥିଲା। ଏକ ସାକ୍ଷାତକାରରେ ସେ କହିଥିଲେ, "ରେଡ଼ିଓ ମୋ ନିଜ ଘର ଭଳି ଥିଲା। ରେଡ଼ିଓରେ ବହୁତ ନାଟକ କରିଛି। ସେଠାରେ କାମ କରୁଥିବାବେଳେ ମୋତେ ଲାଗୁନଥିଲା ଯେ ମୁଁ କୌଣସି ପେଶାଗତ ବୃତିରେ ରହିଛି।"

ତେବେ ସିନେମା ଅଭିନୟ କରିବା କଥା ସେ କେବେ ଭାବି ନଥିଲେ। ପଚାଶ ଦଶକର



ଶେଷ ଭାଗରେ ବା ଷାଠିଏ ଦଶକ ଆରମ୍ଭରେ ରକ୍ଷଣଶୀଳ ସମାଜରେ ସିନେମାରେ ଅଭିନୟ କରିବା ଗ୍ରହଣୀୟ ନଥିଲା। ତା'ପରେ ସାଧାରଣ ପରିବାରର ସାଧାରଣ ଶ୍ୟାମଳୀ କିଶୋରୀ, ଯାହାଙ୍କ କେହି କେବେ ସିନେମା ସହ ସମ୍ପୃକ୍ତ ହୋଇ ନଥିଲେ, ସେ କେମିତି ଅଭିନୟ କଥା ଭାବିଥା'ନ୍ତେ? ସଂଗୀତ ପ୍ରତି ଆଗ୍ରହ ଥିଲା। ବାପାଙ୍କ ଗୀଟାର, ହାରମୋନିୟମକୁ ଘରେ ବସି ବଜାଉଥିଲେ ଝରଣା। ସେ ସମୟରେ ଝରଣା ସୀତାର ବି ଶିଖିଥିଲେ। ଅଥଚ ବିଧିବଦ୍ଧ ସଂଗୀତକୁ ଆସିଲେ ନାହିଁ। ମଞ୍ଚ ଓ ଆକାଶବାଣୀ ନାଟକ ଅଭିନୟ କରି ନିଜସ୍ୱ ପରିଚୟ ସୃଷ୍ଟି କରିଥିଲେ। ସ୍ନାତକ ପଢୁଥିବା ବେଳେ ଝରଣା ନାଟକର ଅଂଶ ହୋଇସାରିଥିଲେ। ଆଉ ସ୍ନାତକ ସରିବା ପରେ ଅଭିନେତା ଅକ୍ଷୟ ମହାନ୍ତିଙ୍କ ପରାମର୍ଶରେ ଝରଣା ଓଡ଼ିଆ ସିନେମାର ଅଂଶ ହୋଇଗଲେ। ଅକ୍ଷୟ ଥିଲେ ତାଙ୍କ ଟ୍ୟୁସନ ମାଷ୍ଟର। ଷାଠିଏ ଦଶକରେ ଚଳଚ୍ଚିତ୍ର ଦୁନିଆର ପ୍ରତିଭାବାନ କଳାକାର ଭାବେ ଜଣାଶୁଣା ହୋଇଯାଇଥିଲେ ଝରଣା। ଷାଠିଏ ଦଶକରେ ସେ ଥିଲେ ପ୍ରଥମ ଗ୍ରାଜୁଏଟ ଅଭିନେତ୍ରୀ।

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସେ ଥିଲେ ଜନାଦୃତ ଅଭିନେତ୍ରୀ। ସର୍ଜନଶୀଳା ଓ ସୃଜନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ। ବର୍ଷୀୟାନ ସିନେ ଅଭିନେତ୍ରୀ ଭାବେ ଯେତିକି ଖ୍ୟାତି ଅର୍ଜନ କରିଥିଲେ, ବେତାର ଦୁନିଆର ସର୍ବୋଚ୍ଚ ଶ୍ରେଣୀଭୁକ୍ତ ନାଟ୍ୟଶିଳ୍ପୀ, ପ୍ରଯୋଜିକା ଭାବେ ପରିଚିତା ଥିଲେ ଝରଣା ଦାସ। ଦିନେ 'ଅମଡ଼ାବାଟ' ଚଳଚ୍ଚିତ୍ରରେ ନିଜ ଅଭିନୟ ଯାଦୁକରୀ ଦେଖାଇଥିବା ଝରଣା ଆଜି ଅମଡ଼ା ବାଟର ପଥିକ ସାଜିଗଲେ। ଝରଣାଙ୍କୁ ସମସ୍ତେ ଶ୍ରଦ୍ଧାରେ ଡାକୁଥିଲେ 'ଝୁମୁ'। ତାଙ୍କ ଘରେ ସେମାନେ ଥିଲେ ୧୦ ଭାଇ ଭଉଣୀ। ମା' ଲେଖିଥିବା ନାଟକକୁ ଘରେ ଖଟ ଯୋଡ଼ି ଓ ଶାଢ଼ୀ ଟାଣି ମଞ୍ଚ ଆକାରରେ ତିଆରି କରୁଥିଲେ। ତା' ଉପରେ ସବୁ ଭାଇ ଭଉଣୀ ମିଶି ଅଭିନୟ କରୁଥିଲେ। ଝରଣା ଦାସ ନରସିଂହ ମହାପାତ୍ରଙ୍କ ଏକ ନାଟକରେ ପ୍ରଥମଥର ପାଇଁ ନାୟିକା ଭାବେ ଅଭିନୟ କରିଥିଲେ। ତାଙ୍କ ବଡ଼ଭାଇଙ୍କ ଅନ୍ତରଙ୍ଗ ବନ୍ଧୁ ଅଭିନେତା ଅକ୍ଷୟ ମହାନ୍ତି ଓ ବିଶିଷ୍ଟ ସଂଗୀତଜ୍ଞ ଅକ୍ଷୟ ମହାନ୍ତି ଚାହୁଁଥିଲେ ଝୁମୁ ଅଭିନେତ୍ରୀ ହୁଅନ୍ତୁ। କଳାକାର ହେବାର କିଛି ପ୍ରତିଭା ପିଲାଦିନୁ ତାଙ୍କଠାରେ ଦେଖିବାକୁ ମିଳିଥିଲା।

ସେ ଅନେକ ସମୟରେ ବାପାଙ୍କ ଗୀଟାର ଲୁଚାଇ ଲୁଚାଇ ବଜାଉଥିଲେ। ବିନା ତାଲିମରେ ସ୍କୁଲରେ ପଢୁଥିବା ସମୟରେ





ଆକାଶବାଣୀ କଟକର 'ଶିଶୁ ସଂସାର' କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ଓଡ଼ିଶୀ ଶିକ୍ଷା କରିଥିଲେ ଝରଣା ଦାସ। ଚିତ୍ରୋତ୍ପଳକ ଦୀପକ ଦାସଙ୍କୁ ସେ ବିବାହ କରିଥିଲେ। ଚଳଚ୍ଚିତ୍ର ଦୁନିଆରେ ତାଙ୍କର ପ୍ରବେଶ ଓଡ଼ିଆ ସିନେ ଜଗତକୁ ଏକ ପ୍ରତିଭାବାନ ଅଭିନେତ୍ରୀ ଭେଟି ଦେଇଥିଲା। ଚଳଚ୍ଚିତ୍ର ବ୍ୟତୀତ ଆକାଶବାଣୀ, ଦୂରଦର୍ଶନ ସହିତ ସେ ଜଡ଼ିତ ରହିଥିଲେ। ଡ. ହରେକୃଷ୍ଣ ମହତାବଙ୍କ ଉପରେ ନିର୍ମିତ ଏକ ବୃତ୍ତଚିତ୍ରରେ ସେ ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ।

ଅଭିନେତ୍ରୀ ଝରଣା ଦାସ ପ୍ରାୟ ୪୦ଟି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଶ୍ୟାମଳୀ ଥିବାରୁ ଚଳଚ୍ଚିତ୍ରରେ ସେ ଅଭିନୟ କରିବେ ବୋଲି କେବେବି ଭାବି ନଥିଲେ। ୧୯୬୨ରେ ସେ 'ମଲାଜହ୍ନ'ରେ ନାୟିକା ଭାବରେ ଅଭିନୟ କରିଥିଲେ। ତେବେ ଏହା ବହୁ ବିଳମ୍ବରେ ୧୯୬୫ରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ 'ସତୀ' ଚରିତ୍ର ତାଙ୍କୁ ଅଜସ୍ର ଲୋକପ୍ରିୟତା ଆଣି ଦେଇଥିଲା। ତେବେ ଏଥିପୂର୍ବରୁ ୧୯୬୩ରେ ଛାୟାବାଣୀ ପ୍ରତିଷ୍ଠାନର ଚଳଚ୍ଚିତ୍ର 'ଅମଡ଼ା ବାଟ' ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରରେ ମଧ୍ୟ ସେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ତେଣୁ 'ଅମଡ଼ା ବାଟ'କୁ ଝରଣାଙ୍କ ପ୍ରଥମ ସିନେମା ବୋଲି ବିବେଚନା କରାଯାଏ। ଏହାକୁ ବାଦ ଦେଲେ ୧୯୬୫ରେ 'ନବଜନ୍ମ', ୧୯୬୬ରେ 'ଅଭିନେତ୍ରୀ', ୧୯୭୦ରେ 'ଅଦିନ ମେଘ', ୧୯୭୮ରେ 'ଶ୍ରୀଜଗନ୍ନାଥ', ୧୯୮୧ରେ 'ଟିକେ ହସ ଟିକେ ଲୁହ', ୧୯୮୨ରେ 'ହିସାବ ନିକାଶ', 'ଜ୍ୱାଇଁ ପୁଅ', ୧୯୮୩ରେ 'ମହାସତୀ ସାବିତ୍ରୀ', ୧୯୮୫ରେ 'ପୂଜାଫୁଲ', ୧୯୮୬ରେ 'ନିନାଦ', 'ହୀରାନୀଳା', ୧୯୮୮ରେ 'ଲାଲପାନ ବିବି', 'କସ୍ତୁରୀ', ୧୯୮୪ରେ 'ସୁନାଭାଉଜ' ଭଳି ଅନେକ ଚଳଚ୍ଚିତ୍ରରେ ସେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ୨୦୦୯ରେ ମୁକ୍ତିଲାଭ କରିଥିବା 'ଆ ଜହ୍ନରେ ଲେଖିବା ନାଁ' ତାଙ୍କ ଶେଷ ଚଳଚ୍ଚିତ୍ର ଥିଲା।

*-ସାଇବିଥି, ପ୍ଲଟ ନଂ-୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ: ୯୯୩୭୫୮୧୭୦୭*

# ସ୍ମାର୍ଟସିଟିର ରାସ୍ତା ନିର୍ମାଣ ଓ ପେଭର ବ୍ଲକ୍ ବିଛା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି



ରାଉରକେଲା (ପିଏନ୍): ରାଉରକେଲା ସ୍ମାର୍ଟସିଟି ମିଶନ ତରଫରୁ ସହରରେ ଚାଲିଥିବା ରାସ୍ତା ନିର୍ମାଣ ଓ ପେଭର ବ୍ଲକ୍ ବିଛା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଯୋଗୁ କାମର ଉପଯୁକ୍ତ ମାନ ରକ୍ଷା କରାଯାଇପାରୁନାହିଁ ବୋଲି ଜିଲ୍ଲା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏସବୁ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇବା ସହିତ ବିକାଶମୂଳକ କାମ ନାଁରେ ସରକାରଙ୍କ ଅଯଥା ଅର୍ଥ ହାନୀ ହେବା ସହିତ ସାଧାରଣ ସହରବାସୀ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହେବେ ବୋଲି କଂଗ୍ରେସ ତରଫରୁ ଆଶଙ୍କା ବ୍ୟକ୍ତ କରାଯାଇଛି । ଗତ ୨ ତାରିଖରେ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ସ୍ମାର୍ଟସିଟି ମିଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ଏହି ମର୍ମରେ ଏକ ସ୍ମାରକପତ୍ର ସ୍ମାର୍ଟସିଟି ମିଶନର ମହାପ୍ରବନ୍ଧକଙ୍କୁ ପ୍ରଦାନ କରି ଏହି ରାସ୍ତା ନିର୍ମାଣ ଓ ପେଭର ବ୍ଲକ୍ ବିଛା କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଓ ଅନିୟମିତତା ସମ୍ପର୍କରେ ଆବଶ୍ୟକୀୟ ଅନୁଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହି ସ୍ମାରକପତ୍ରରେ ସ୍ମାର୍ଟସିଟି ମିଶନର କାର୍ଯ୍ୟକାଳ ସରିବାକୁ ଯାଉଥିବା ବେଳେ ଆସନ୍ତା ମାସରେ ହେବାକୁ ଥିବା ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ତରବରରେ ଏହି ରାସ୍ତା ନିର୍ମାଣ ଓ ପେଭର ବ୍ଲକ୍ ବିଛା କାର୍ଯ୍ୟ ଚାଲିଛି ବୋଲି କୁହାଯାଇଛି । ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଏସବୁ କାର୍ଯ୍ୟର ଆବଶ୍ୟକୀୟ ତଦାରଖ ହେଉନଥିବାରୁ ନିର୍ମାଣ କାର୍ଯ୍ୟରେ ଉପଯୁକ୍ତ ମାନ ରକ୍ଷା କରାଯାଇପାରୁନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଗତ ୨/୩ ପୂର୍ବେ ସ୍ମାର୍ଟସିଟି ଅଫିସ ସମ୍ମୁଖରେ ନିର୍ମିତ ରାସ୍ତା ଇତିମଧ୍ୟରେ ବିଭିନ୍ନ ସ୍ଥାନରେ ଦବିଗଲାଣି । ସେହିପରି ହନୁମାନ ବାଟିକା ଛକଠାରୁ ଟ୍ରାଫିକ୍ ଛକ ପର୍ଯ୍ୟନ୍ତ ଯାଇଥିବା ମହତାବ ରୋଡର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବା ବେଳେ ଯେଉଁ କାମ ସରିଛି ସେଥିରୁ ମଧ୍ୟ କେତେକ ସ୍ଥାନରେ ଦବିବା ଆରମ୍ଭ କଲାଣି । ଅନୁରୂପ ଭାବରେ ଗତ କିଛିଦିନ ତଳେ ନିର୍ମିତ ହୋଇଥିବା ହାଇଟେକ୍ ମେଡିକାଲ କଲେଜ ଓ ଶାସ୍ତ୍ରୀ ଛକ ରାସ୍ତା ମଧ୍ୟ କେତେକ ସ୍ଥାନରେ ଦବିଲାଣି । ସହରର ମୁଖ୍ୟମାର୍ଗ ମଙ୍ଗଳ ଭବନ ଛକଠାରେ ନିର୍ମିତ ରାସ୍ତାରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇ ଲୋକଙ୍କ ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରୁଛି । ନିମ୍ନମାନର କାମ ସହ ଅଧାପନ୍ତରିଆ କାମ ଦୁଇଚକିଆ ଆରୋହୀଙ୍କ ସମେତ ପଥଚାରୀଙ୍କୁ ସମସ୍ୟାରେ ପକାଉଛି । ଯେଉଁ ରାସ୍ତା ନିର୍ମାଣ ହେଉଛି ତାହା ମଧ୍ୟ ସମତୁଲ ନ ହୋଇ ଉଚ୍ଚଖାଲ ରହୁଥିବା ଦେଖିବାକୁ ମିଳୁଛି । ସେହିପରି ମହତାବ ରୋଡର ଉଭୟ ପାର୍ଶ୍ୱରେ ବିଛାଯାଇଥିବା ପେଭର ବ୍ଲକ୍ କେତେକ ସ୍ଥାନରେ ଆପଣାଛାଏଁ ଭୁଷୁଡି ପଡିଲାଣି । ସିଭିଲ୍ ଟାଉନସିପ୍ ଓ ରିଂ ରୋଡରେ ବିଛା ଯାଇଥିବା ପେଭର ବ୍ଲକ୍ କେତେକ ସ୍ଥାନରେ ଦବିବା ସହିତ ଉଠିଗଲାଣି । ପେଭର ବ୍ଲକ୍ ବିଛାଇବା ପୂର୍ବରୁ ମାଟିକୁ ସମତୁଲ କରିବା ସହି ସ୍ଲାଗ୍ ଡଷ୍ଟ ପକାଇ ରୋଲିଂ କରାଯାଉନଥିବାରୁ ଏ ପ୍ରକାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସ୍ମାରକପତ୍ରରେ କୁହାଯାଇଛି । ପାନପୋଷ ଠାରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ସ୍ମାର୍ଟରୋଡର ତାରିଣୀ ମନ୍ଦିର ଓ ସରକାରୀ ମହାବିଦ୍ୟାଳୟ ସମ୍ମୁଖସ୍ଥ ଫୁଟପାଥରେ ବିଛାଯାଇଥିବା ଟାଇଲ୍ ସବୁ ଇତିମଧ୍ୟରେ ଉଠିଗଲାଣି । ଆମ୍ବେଦକର ଛକ ଠାରୁ ବିଶ୍ରା ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଡାହାଣ ପାର୍ଶ୍ୱ ଫୁଟପାଥରେ ଚିକ୍କଣ ଟାଇଲ୍ ବିଛାଯାଇଥିବାରୁ ପଥଚାରୀମାନେ ବିଭିନ୍ନ ସମୟରେ ଖସି ପଡିଯାଉଥିବା ଦେଖାଯାଉଛି । ଉକ୍ତ ରାସ୍ତାର ବାମପାର୍ଶ୍ୱର ଫୁଟପାଥରେ କେତେକ ସ୍ଥାନରେ କଂକ୍ରିଟ୍ ସ୍ଲାବ୍ ଉପରେ ମାଟି ଓ ବାଲି ପକାଇ ପେଭର ବ୍ଲକ୍ ବିଛା ଯାଇଛି, ଯାହାକି ଦୋକାନୀମାନଙ୍କ ସମସ୍ୟା ସୃଷ୍ଟି କରୁଛି । ସମ୍ପ୍ରତି ଭେଷଜ ପଟେଲ ହସ୍ପିଟାଲ ଛକଠାରୁ ସିଭିଲ୍ ଟାଉନକୁ ଯାଇଥିବା ରାସ୍ତାର ଫୁଟପାଥରୁ ପୂର୍ବରୁ ଲାଗିଥିବା ଟାଇଲ୍ ଗୁଡିକ ହଟାଇ ଅନାବଶ୍ୟକ ଭାବେ ନୂତନ ଟାଇଲ୍ ଲଗାଯାଉଛି । ତେବେ ଏପରି ନିମ୍ନମାନ ଓ ଅନାବଶ୍ୟକ କାର୍ଯ୍ୟର ଅନେକ ଉଦାହରଣ ରହିଛି ବୋଲି ଦଳ ତରଫରୁ ସ୍ମାରକପତ୍ରରେ କୁହାଯାଇ ତୁରନ୍ତ ଏ ବାବଦରେ ଆବଶ୍ୟକୀୟ ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ବର୍ତ୍ତମାନ ଯେଉଁ କାମ ଚାଲିଛି ସେଥିରେ କିପରି ଉପଯୁକ୍ତ ମାନ ରଖାଯାଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିବାକୁ କଂଗ୍ରେସ ପ୍ରତିନିଧି ଦଳ କର୍ତ୍ତୃପକ୍ଷଙ୍କ ନିକଟରେ ଆଲୋଚନା ବେଳେ ଦାବି କରିଛନ୍ତି । ଅନ୍ୟଥା ସହରବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା କଂଗ୍ରେସ ଖୁବ୍ ଶୀଘ୍ର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧହେବ ବୋଲି ଏହି ଅବସରରେ ଦଳ ତରଫରୁ ସୂଚାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ସମେତ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ପ୍ରଭାତୀ ମିଶ୍ର, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ତୁଳସୀ ନାଗ, ମହିଳା ସଭାନେତ୍ରୀ ନିରୂପମା ବଲିୟାରସିଂ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ଜିଲ୍ଲା କଂଗ୍ରେସ ସମ୍ପାଦକ ଧର୍ମେନ୍ଦ୍ର ସିଂ, ଅମ୍ରିତ କୌର, ପ୍ରତିମା ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲିପ ଜେନା, ରୁକସାନା ବେଗମ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର ସାକିର ହୁସେନ, ମହମ୍ମଦ ସମିମ, ରେହେମାନ ଖାନ, ବିଜୟ ସାହୁ, ପ୍ରତାପ ସାହୁସ ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ୍ ହୋଇ ଦାବିପତ୍ର ପ୍ରଦାନ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ନୂଆବର୍ଷ ବ୍ୟାନର ଚୋରି ଅଭିଯୋଗ



ଧର୍ମଶାଳା (ପିଏନ୍): ନୂଆବର୍ଷ ପୂର୍ବରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବ୍ୟାନର ଚୋରି ଓ ପୋଷ୍ଟର ଚିରା ରାଜନୀତି ଆରମ୍ଭ ହୋଇଗଲାଣି । ଜାରକା ଠାରୁ ବାରବାଟି ବଜାର ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ନୂତନ ବର୍ଷର ଅଭିନନ୍ଦନ ହୋଡ଼ିଂ ଗୁରୁବାର ରାତିରେ ଚୋରି ହୋଇଯାଇଛି । ସେହିପରି ଜାରକା ଗଳିପୋଲ ଓ ଆରୁହା ଛକରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକୁ ମଧ୍ୟ ଚିରାଯାଇଛି । ଏ ସଂପର୍କରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସତୀଶ ବିଶ୍ୱାଳଙ୍କ ସମର୍ଥକମାନେ ଆଜି ଧର୍ମଶାଳା ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ପାଇ ପୁଲିସ୍ ଶଙ୍ଖାରିଡ଼ିହ ଅଂଚଳରୁ କିଛି ହୋଡ଼ିଂ ଜବତ କରିଛି । ତେବେ ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପୁଲିସ୍ ଗିରଫ କରିବାକୁ ସକ୍ଷମ ହୋଇନାହିଁ । ଅଭିଯୋଗରୁ ପ୍ରକାଶ ଯେ, ଧର୍ମଶାଳା ମାଟିର ସ୍ୱାଭିମାନ ଓ ବଂଶବାଦ ରାଜନୀତି ବିରୋଧରେ ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନର ଲଗାଯାଇଥିଲା । ଏଥିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଶ୍ରୀ ବିଶ୍ୱାଳଙ୍କ ଫଟୋ ଥିଲା । ତେବେ ଅଧିକାଂଶ ହୋଡିଂ ଚୋରି ହେବା ଜଣାପଡ଼ିବା ପରେ ସମର୍ଥକମାନେ ଏହାକୁ ତୀବ୍ର ନିନ୍ଦା କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜାତୀୟ ରାଜପଥରେ ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥା ସତ୍ୱେ ବହୁ ଉଚ୍ଚରେ ଲଗାଯାଇଥିବା ବ୍ୟାନର ହୋଡିଂକୁ କିଏ ଚୋରି କଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି । ବିଜୁବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ପ୍ରତି ଅବମାନନାକୁ ସେମାନେ ନାପସନ୍ଦ କରିଛନ୍ତି । ଗୋଟିଏ ମାସ ପୂର୍ବରୁ ନୂଆବର୍ଷ ବ୍ୟାନର ଚୋରି ଓ ପୋଷ୍ଟର ଚିରା ବିବାଦ ଧର୍ମଶାଳା ରାଜନୀତି ପାଣିପାଗକୁ ଉଷ୍ମ କରିଛି ।

# ରାମକୋ କାରଖାନାର ସିକ୍ୟୁରିଟି ଗାର୍ଡଙ୍କ ଅସ୍ୱାଭାବିକ ମୃତ୍ୟୁ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ରାମକୋ ସିମେଂଟ କାରଖାନାର ଜଣେ ସିକୁରଟି ଗାର୍ଡଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ମୃତକ ଜଣକ ଯାଜପୁର ସଦର ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମର ଦେବେନ୍ଦ୍ର ରାଉତ (୫୦) ବୋଲି ଜଣାପଡିଛି । ଦୀର୍ଘଦିନ ହେଲା ସେ ନିକଟସ୍ଥ ଗ୍ରାମରେ ଘରଭଡା ନେଇ ରହିବା ସହିତ ରାମକୋ କାରଖାନାରେ ସିକୁରିଟି ଗାର୍ଡ ଭାବେ କାର୍ଯ୍ୟ କରି ଆସୁଥିଲେ । ତେବେ ଗତକାଲି ସକାଳୁ ଡିୟୁଟିକୁ ଆସିବାରେ ତାଙ୍କର ବିଳମ୍ବ ହୋଇଥିଲା । ଫଳରେ ତାଙ୍କର ସହକର୍ମୀମାନେ ତାଙ୍କ ଭଡାଘରକୁ ଯାଇଥିବାବେଳେ ସେ ଅଚେତ ଅବସ୍ଥାରେ ପଡିଥିବା ଦେଖିଥିଲେ । ତୁରନ୍ତ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ଡାକ୍ତରଖାନାରେ ପହଁଚି ମୃତଦେହକୁ ଜବତ କରିବା ସହ ୪୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ବଡଚଣା ପଠାଇ ତଦନ୍ତ ଚଳାଇଛି । ତେବେ ପ୍ରାଥମିକ ତଦନ୍ତରେ ଦେବେନ୍ଦ୍ରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରିଛି ।

# କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବେଳାଭୂମି ପଦଯାତ୍ରା

କୋଣାର୍କ (ପିଏନ୍)-କୋଣାର୍କ ଉତ୍ସବ-୨୦୨୨ ଅବସରରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀ ନୃତ୍ୟ ସଙ୍ଗୀତର ମହାକୁମ୍ଭ ଓ ଚନ୍ଦ୍ରଭାଗାର ବେଳାଭୂମିରେ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ-୨୦୨୨ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେଉଛି । ଏହି ଅବସରରେ ଡିସେମ୍ବର ୨ତାରିଖ ପ୍ରତ୍ୟୁଷରେ ପର୍ଯ୍ୟଟନ ବିଭାଗ ସହାୟତାରେ ଚଳିତ ବର୍ଷ ଷଷ୍ଠ ଥର ପାଇଁ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ କୋଣାର୍କ ଉତ୍ସବର ଶ୍ରୀବୃଦ୍ଧି କରିବା ଏବଂ ଉତ୍ସବକୁ ଉପଭୋଗ କରିବା ପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରିବାର ଲକ୍ଷନେଇ 'ପଲିଥିନ ମୁକ୍ତ କୋଣାର୍କ, ସ୍ୱଛ କୋଣାର୍କ ଓ ସୁସ୍ଥ କୋଣାର୍କ' ବାର୍ତ୍ତାକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଯାଇଛି ବେଳାଭୂମି ପଦଯାତ୍ରା । ଏହି କାର୍ଯ୍ୟକ୍ରମରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ପରିବେଶବିତ ଦୀଲ୍ଲିପ ଶ୍ରୀଚନ୍ଦନ, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, କୋଣାର୍କ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଆୟୁସ ଡାକ୍ତର ବିଦୁଭୂଷଣ ନାୟକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞାପାରମିତା ନାୟକ, ଅଚ୍ୟୁତପୁର ସରପଞ୍ଚ ଶସ୍ମିତା ଦାଶ, ଜବାହାର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ନୃସିଂହ ଚରଣ କର, ବିଜେଡି ନେତା ଗୋପାଳ ଚନ୍ଦ୍ର ବେହେରା, ଚମ୍ପାହାର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ସମାଜସେବୀ ରାମକୃଷ୍ଣ ମହାନ୍ତି, କୋଣାର୍କ କିନ୍ନର ସମାଜର ସଭାପତି ଦୀପା କିନ୍ନର ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ସବୁଜ ପତାକା ଦେଖାଇ ବେଳାଭୂମି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ବେଳାମୂମି ପଦଯାତ୍ରାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ସମାଜସେବୀ ଓ କିନ୍ନରମାନେ କୋଣାର୍କ-ପୁରୀ ବେଳାମାର୍ଗ ସ୍ଥିତ ଚନ୍ଦ୍ରଭାଗାରୁ ବାହାରି ବିଭିନ୍ନ ସ୍ଲୋଗାନମାନ ଦେବା ସହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ସଚେତନ କରାଇ ଇକୋ-ରିଟ୍ରିଟ ପୀଠରେ ପହଞ୍ଚି ଥିଲେ । ଏଠାରେ ଏକ ସଚେତନତା ସଭା ଆୟୋଜନ କରାଯାଇ ପଲିଥିନ ମୁକ୍ତ, ସ୍ୱଛ ଓ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଉପସ୍ଥିତ ଅତିଥିମାନେ ମତପୋଷଣ କରିଥିଲେ । ବେଳାଭୂମି ପଦଯାତ୍ରାରେ ସାମିଲି ହୋଇଥିବା ସମସ୍ତ ପଦଯାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ଏହି ବେଳାମୂମି ପଦଯାତ୍ରାରେ ସ୍ଥାନୀୟ ଅଞ୍ଚଳର ସ୍କୁଲ କଲେଜ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ପରିବେଶବିତଙ୍କ ସମେତ ପଦଯାତ୍ରାରେ ରୁଚିରଖୁଥିବା ୧୦୦ଜଣ ସାମିଲି ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ କୋଣାର୍କ କୋଣାର୍କ ସାମ୍ବାଦିକ ସଂଘର ସଭାପତି ଜ୍ୟୋତିରାଜ ମହାନ୍ତି, ଉପସଭାପତି ଭାଗୀରଥି ସ୍ୱାଇଁ, ସମ୍ପାଦକ ମନୋରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଅଜିତ କୁମାର ମଲ୍ଲିକ, ସୁକାନ୍ତ ବିଶ୍ୱାଳ, ପ୍ରଦୀପ ଛାଟୋଇ, ପ୍ରମୋଦ ଗୋଛାୟତ, ଗଣେଶ ବେହେରା ଅରନାଭ କର, ଅରୁଣ ବିଶ୍ୱାଳଙ୍କ ସମେତ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କୁମାରୀ ଓ ସାଲେପୁର ଗ୍ରାମରେ କୁରାଳ ପଂଚମୀ ପୂଜା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କୁମାରୀ ଓ ସାଲେପୁର ଗ୍ରାମରେ କୁରାଳ ପଂଚମୀ ପୂଜା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। କୁରାଳ ପଂଚମୀ ହେଉଛି କୁମ୍ଭକାର ମାନଙ୍କର ଏକ ପ୍ରମୁଖ ପର୍ବ। ଏହି ପର୍ବ ଉପଲକ୍ଷେ କୁମ୍ଭକାରମାନେ ସେମାନଙ୍କ ମାଟିହାଣ୍ଡି ଗଢ଼ା କାର୍ଯ୍ୟ ବନ୍ଦ କରି ଉତ୍ସବକୁ ପାଳନ କରିଥାନ୍ତି। କୁରାଳ ପଂଚମୀ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣାଯାଇ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତିକୁ ମଣ୍ଡପରେ ସ୍ଥାପନ କରାଯାଇ ପୂଜାକାର୍ଯ୍ୟ କରାଯାଇଛି। କୁମାରି ଗ୍ରାମର କୁମ୍ଭାର ସାହିରେ ପଣ୍ଡିତ ମଦନ ନନ୍ଦଙ୍କ ତତ୍ୱାବଧାନରେ କର୍ତାଭାବେ ଚକ୍ରଧର ବେହେରା ଓ ଉପକର୍ତା ଭାବେ ଗୁରୁଚରଣ ବେହେରା ଯୋଗଦେଇଥିବା ବେଳେ ଗିରିଧାରୀ ବେହେରା, ଅକ୍ଷୟ କୁମାର ବେହେରା, ରବିନ୍ଦ୍ର ସାହୁ, ଅର୍ଜୁନ ବେହେରା, ନକୁଳ ରଣା, ଅଶୋକ ରଣା ଉପସ୍ଥିତ ରହି ପୂଜାକର୍ମ କରିଥିଲେ। ପ୍ରଥମ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ସ୍ଥାନୀୟ ଅଂଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ୫ ଦିନ ଧରି ଏହି ପୂଜା ଚାଲୁ ରହିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୦୪

# ଦୁଇଟି ଜାତି, ଗୋଟିଏ ଧର୍ମ-୨



ଜାତି ପ୍ରଥା କେବଳ ଭାରତ ନୁହେଁ; ବରଂ ସମଗ୍ର ବିଶ୍ୱରେ ରହିଛି । କାରଣ ମନୁଷ୍ୟ ଉତ୍ପତ୍ତି ପରେ ବିଭିନ୍ନ ଜିନ୍‌ଯୁକ୍ତ ପ୍ରାକୃତିକ ଗୁଣ, ଧର୍ମଧାରୀ ମଣିଷ ଜନ୍ମ ହେଲେ ଯାହାଙ୍କ ମାନସିକତାରେ ବିଭିନ୍ନତା ଦେଖାଗଲା । ସେହି ବିଭିନ୍ନତା ମଧ୍ୟରେ ଅନେକ ଅସାମଞ୍ଜସ୍ୟ ବିଚାରଧାରା, କାର୍ଯ୍ୟ କରିବା ପ୍ରଣାଳୀ ତଥା ଜୀବନ ବଂଚିବା ଶୈଳୀଗୁଡ଼ିକରେ ମଧ୍ୟ ଅନେକ ତାରତମ୍ୟ ଦେଖାଗଲା । ତେଣୁ କୌଣସି ଗୋଟିଏ ଗୋଷ୍ଠୀର ଗୁଣଧର୍ମଧାରୀଙ୍କୁ ନେଇ ସମାଜରେ ଅନେକ ପ୍ରଜାତିର ମଣିଷଙ୍କ ଆବିର୍ଭାବ ହେବାକୁ ଲାଗିଲା । ସେମାନେ ନିଜ ନିଜ ସାମର୍ଥ୍ୟ ତଥା ବିଚାରଧାରାକୁ ନେଇ କର୍ମକ୍ଷେତ୍ର ପ୍ରସ୍ତୁତି ପୂର୍ବକ ଜୀବନ ଅତିବାହିତ କରିବାକୁ ଲାଗିଲେ । ସେଇଥିରୁ ଗୋଟିଏ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ପ୍ରଜାତିର ମଣିଷଙ୍କ ଆବିର୍ଭାବ ହେତୁ ସେମାନଙ୍କ କାର୍ଯ୍ୟଧାରା ତଥା ଜୀବନଶୈଳୀକୁ ନେଇ ସୃଷ୍ଟି ହେଲା ଜାତିପ୍ରଥା, ଯାହା ଭିନ୍ନ ଭିନ୍ନ ପ୍ରଜାତିର ଗୋଷ୍ଠୀ ସୃଷ୍ଟି କରିବାରେ ସହଯୋଗ ହେଲା । ତେଣୁ ବିଭିନ୍ନ ଗୋଷ୍ଠୀର ପ୍ରଜାତିଙ୍କୁ ନେଇ ସୃଷ୍ଟି ହେଲା ସାମାଜିକ ଜାତିପ୍ରଥା । ଇତିମଧ୍ୟରେ କେତେକ ଅଜ୍ଞାନ ଚତୁର ନିଜସ୍ୱ ସ୍ୱାର୍ଥଦୃଷ୍ଟିରୁ ଅନେକ ଅସାମଞ୍ଜସ୍ୟ, ଅକାରଣଜନିତ ବିଷୟ ତଥା ସମାଜରେ ଭୟାବହତା ସୃଷ୍ଟି କରି ନିର୍ବୋଧଙ୍କୁ ଲୁଟିବାକୁ ପ୍ରୟାସ କଲେ ତଥା ସେମାନଙ୍କୁ ନିଜ ବଶବର୍ତ୍ତୀ କରି ରଖି ପ୍ରତାରିତ କରିବାକୁ ଲାଗିଲେ । ସେଇଠି ଜାତିପ୍ରଥା ତଥା ଉଚ୍ଚ ନୀଚ ଭେଦଭାବ ସୃଷ୍ଟି ହୋଇ ଅଦ୍ୟାବଧି ତାହା ଆମ ସମାଜରେ ପ୍ରଚଳିତ ରହିଥିବା ଦେଖିବାକୁ ମିଳୁଛି । ବାସ୍ତବିକ ଏହିସବୁ ମନୁଷ୍ୟକୃତ ଜାତିପ୍ରଥାର କୌଣସି ପ୍ରାକୃତିକ ନିୟମ ନାହିଁ କେବଳ ଭିନ୍ନ ଭିନ୍ନ ଗୋଷ୍ଠୀର ଜିନ୍‌ଗତ ଗୁଣ ଧର୍ମ ବ୍ୟତୀତ । ଯାହାହେଉ ବାସ୍ତବିକ ପ୍ରାକୃତିକ ନିୟମ ଦେଖିଲେ କେବଳ ଦୁଇଟି ଜାତି ଏବଂ ଗୋଟିଏ ଧର୍ମ ଦେଖିବାକୁ ମିଳିବ ମଣିଷ ତଥା ଅନ୍ୟାନ୍ୟ ଜୀବଜଗତରେ ଯାହାର କୌଣସି ସାମାଜିକ ସଚେତନତା ଅଦ୍ୟାବଧି ନାହିଁ ଆମ ସମାଜରେ । ସେଗୁଡ଼ିକ କ'ଣ ଏବଂ ତାହାର ମହତ୍ୱ କ'ଣ ବିଚାର କରିବା...

ପ୍ରାକୃତିକ ଭାବେ ଦୁଇଟି ଜାତି ତଥା ଗୋଟିଏ ପୁରୁଷ ଏବଂ ଅନ୍ୟଟି ନାରୀ ଭାବେ ସୃଷ୍ଟି ହୋଇଛନ୍ତି ସବୁ ଜୀବଜଗତରେ । ଶାରୀରିକ ଗଠନ ପ୍ରଣାଳୀ ତଥା ପ୍ରବାହିତ ଗୁଣଧର୍ମ, ଆଚରଣକୁ ନେଇ ପରିଚାଳିତ ସେମାନଙ୍କ ଜୀବନଶୈଳୀ ଯାହା ସମ୍ପୂର୍ଣ୍ଣ ଭାବେ ପ୍ରକୃତିଦତ୍ତ ବିବର୍ତ୍ତନଜନିତ । ସେମାନଙ୍କ ଗୁଣସୂତ୍ରକୁ ନେଇ ପ୍ରବାହିତ ଭିନ୍ନ ଭିନ୍ନ ଚରିତ୍ରଯୁକ୍ତ ଗୋଷ୍ଠୀବଦ୍ଧ ମଣିଷ ଦେଖିବାକୁ ମିଳନ୍ତି ଏହି ଦୁଇ ଜାତି ମଧ୍ୟରେ ଯାହାକୁ ଆମେ ବିଭିନ୍ନ ପ୍ରଜାତିରେ ଭାଗ କରିପାରିବା । ମଣିଷ ସମାଜରେ କେବଳ ମାନବିକ ଧର୍ମ ଏକକ ଧର୍ମ ଭାବେ ପ୍ରକୃତିଦତ୍ତ ଯାହା ସମସ୍ତ ବର୍ଗର ମଣିଷ ପ୍ରବାହ କରିବା ବିଧେୟ । କିନ୍ତୁ ବିଭିନ୍ନ ସାମାଜିକ ବିଭୀଷିକା କାରଣରୁ ମଣିଷ ସେହି ଏକକ ମାନବ ଧର୍ମକୁ ଆଜି ପର୍ଯ୍ୟନ୍ତ ବୁଝିନପାରି ସମାଜରେ ସୃଷ୍ଟି ହୋଇଛି ବିଭିନ୍ନ ଧର୍ମ ଯାହା ସବୁ ଅଯୌକ୍ତିକ, ମୂଲ୍ୟହୀନ । ଏହି ଦୁଇଟି ଜାତି ମଧ୍ୟରେ ସମନ୍ୱୟ ରକ୍ଷାକରି ବଂଶବିସ୍ତାର ଉଦ୍ଦେଶ୍ୟ ରଖିଛି ପ୍ରକୃତି । ତେଣୁ ଦୁଇଟି ଜାତି ମଧ୍ୟରେ ଯେଉଁ ସମ୍ପର୍କ ସ୍ଥାପନ ହୁଏ ତାହାର ଅନେକ ମାନସିକ, ଶାରୀରିକ, ରାସାୟନିକ ପ୍ରତିକ୍ରିୟାର ପ୍ରାବଧାନ ରହିଛି ଯାହା ସବୁ ପ୍ରକୃତିଦତ୍ତ/ପ୍ରାକୃତିକ । ସେହି ପ୍ରାକୃତିକ ପ୍ରତିକ୍ରିୟାଜନିତ ବଂଶ ବିସ୍ତାର ହୁଏ ପିଢ଼ିକୁ ପିଢ଼ି । କିନ୍ତୁ ଗୋଟିଏ ଜାତି ତଥା ପୁରୁଷ କିମ୍ବା ସ୍ତ୍ରୀମାନଙ୍କ ମଧ୍ୟରେ ଭିନ୍ନତା କି ଏହି ଜାତିର ପ୍ରଜାତି ବୋଲି କୁହାଯାଇପାରିବ ସେମାନଙ୍କ ପ୍ରବାହିତ ଗୁଣ, ଧର୍ମ, ଚରିତ୍ରକୁ ନେଇ । ସେହି ପ୍ରବାହିତ ଗୁଣ, ଧର୍ମ, ଚରିତ୍ରଗୁଡ଼ିକର ପରିଚୟଜନିତ ନାମକରଣକୁ ସାମାଜିକ ଜାତିପ୍ରଥା ବୋଲି କୁହାଯାଉଅଛି । ଏବଂ ସେହି ପ୍ରବାହିତ ଗୁଣ, ଧର୍ମ, ଚରିତ୍ରଗୁଡ଼ିକ ସମ୍ପୂର୍ଣ୍ଣ ପ୍ରାକୃତିକ ବିବର୍ତ୍ତନଜନିତ ଜିନ୍‌ଗତ ହୋଇଥିବା ବେଳେ ମନୁଷ୍ୟକୃତ ସାମାଜିକ ଗ୍ରହଣୀୟତା କିମ୍ବା ପରିବର୍ତ୍ତନର ଅଭିଳାଷ କୌଣସିମତେ ତାକୁ ପରିବର୍ତ୍ତନ କରିପାରିବ ନାହିଁ, ବରଂ ସମୟସାପେକ୍ଷ ଅସାମଞ୍ଜସ୍ୟ ସାମାଜିକ ବିଭୀଷିକା ସୃଷ୍ଟି କରି ସମାଜର ଅମଙ୍ଗଳ, ଅନୁନ୍ନତି ହେବାଛଡ଼ା କୌଣସି ଭାବେ ଭଲ ହୋଇପାରିବ ନାହିଁ!

ଅତଏବ ଏହି ଦୁଇଟି ଜାତିର ମଣିଷ ଏବଂ ମଣିଷ ଭାବେ ପ୍ରବାହଯୋଗ୍ୟ ଏକକ ମାନବ ଧର୍ମକୁ ଅନୁସରଣ କରି ନିଜସ୍ୱ ପ୍ରକୃତିଦତ୍ତ ଗୁଣ, ଧର୍ମ, ଚରିତ୍ର ହେତୁ ମନରେ ସୃଷ୍ଟି ହେଉଥିବା ଆବେଗକୁ ସମ୍ମାନପୂର୍ବକ ନିଜ ନିଜ ଜୀବନଶୈଳୀ ତଥା ସାମାଜିକ କ୍ଷେତ୍ରରେ ନିଜକୁ ପରିଚାଳିତ କରିବା ଲକ୍ଷ୍ୟ ରଖିଲେ ମଣିଷ ସମାଜର ଉନ୍ନତି ହୋଇପାରିବ । ଅଯଥା କୁହେଳିକା ତଥା ଅଜ୍ଞାନ ଚତୁରଙ୍କ ଷଡ଼ଯାନ୍ତ୍ରିକ ପ୍ରବଚନ କିମ୍ବା ପ୍ରହେଳିକାରେ ନିଜକୁ ସାମିଲ କରି ପ୍ରତାରିତ ହେବା ବ୍ୟତୀତ କୌଣସି ଭଲ ହେବା ସମ୍ଭାବନା ନାହିଁ । ଯେଉଁ ପ୍ରଜାତିଗୁଡ଼ିକ ସମାଜରେ ଦେଖିବାକୁ ମିଳୁଛନ୍ତି ସେମାନେ ସମସ୍ତେ ନିର୍ଦ୍ଧାରିତ ପ୍ରାକୃତିକ ବିବର୍ତ୍ତନଜନିତ ସୃଷ୍ଟି । ସେମାନଙ୍କ ପ୍ରବାହିତ ଗୁଣ, ଧର୍ମ, ଚରିତ୍ରଗୁଡ଼ିକ ପରିବର୍ତ୍ତନ ସମ୍ଭବ ନୁହେଁ । ସେଥିମଧ୍ୟରେ କେତେକ ମାନବିକ ଧର୍ମକୁ ଯୋଡ଼ିଦେଇ ଆମେ ଉତ୍ତମ ଜୀବନଯାପନ କରିବାରେ କେବଳ ସମର୍ଥ ହୋଇପାରିବା । ଏତଦ୍‌ବ୍ୟତୀତ ଅନ୍ୟ କୌଣସି ବାସ୍ତବ, ସତ୍ୟ ନାହିଁ ଯାହା ସବୁ ଅଜ୍ଞାନ ଚତୁର ପ୍ରହେଳିକା ମାଧ୍ୟମରେ ସମାଜରେ ବିତରଣ କରି ନିଜସ୍ୱ ସ୍ୱାର୍ଥ ହାସଲ କରୁଛନ୍ତି, ସେଗୁଡ଼ିକ ବର୍ଜନୀୟ ନିଶ୍ଚୟ ।

ଜାତିକୁ ଜାତି ମଧ୍ୟରେ ଏବଂ ଦୁଇଟି ଜାତି ମଧ୍ୟରୁ ଉଦ୍ଭୃତ ବିଭିନ୍ନ ପ୍ରଜାତିର କୌଣସି ବିଡମ୍ବନା ମଣିଷ ସମାଜ ପ୍ରତି ଘାତକ ସାବ୍ୟସ୍ତ ହୋଇପାରେ । ବରଂ ସେଗୁଡ଼ିକୁ ବୁଝି, ସମୀକ୍ଷା କରି ସମସ୍ତଙ୍କ ସ୍ଥାନ ନିରୂପଣ କରାଗଲେ ମଣିଷ ସମାଜ ଅତ୍ୟନ୍ତ ସୁରୁଖୁରୁରେ ଚାଲିବ । କେତେକ କେଳେଙ୍କାରୀ ସ୍ୱାର୍ଥବାଦୀ ଅଜ୍ଞାନ ଚତୁରଙ୍କ ପ୍ରହେଳିକାକୁ ଉତ୍ତମ ରୂପେ ସମୀକ୍ଷା କରି ସମାଜରେ ସୃଷ୍ଟି କରାଯାଉଥିବା ଜାତି ଧର୍ମ ପ୍ରଥାର ବିଲୋପ ନହେବା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ଏକକ ମାନବ ଧର୍ମର ସଂଜ୍ଞା ବୁଝି ନ ଥିବା ଅଜ୍ଞାନଙ୍କ କୁହେଳିକାକୁ ଉପସ୍ଥିତ ସମୟର ଚତୁର ବ୍ୟବହାର କରି ସ୍ୱାର୍ଥ ହାସଲ କରି ସମାଜରେ ଉଚ୍ଚସ୍ଥାନିତ ହେଉଥିବା ବେଳେ ସାଧାରଣ ନିର୍ବୋଧ ସେମାନଙ୍କ ପଥଭ୍ରଷ୍ଟ ପ୍ରଚାର, ପ୍ରସାରକୁ ବର୍ଜନ କରିବା ନିତାନ୍ତ ଆବଶ୍ୟକ । ମାନବଧର୍ମକୁ ବୁଝିବା ଏବଂ ମାନବିକ ଧର୍ମରେ ସମସ୍ତେ ନିଜକୁ ସଂସ୍ଥାପିତ କଲେ ଯେ ବିଶ୍ୱ ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ସେଇଥିରେ କୌଣସି ଅସମ୍ଭବ ନାହିଁ । କିନ୍ତୁ ତାହା କରିବାକୁ ହେଲେ ପ୍ରଥମେ ଚତୁରଙ୍କ ଷଡ଼ଯନ୍ତ୍ରକୁ ପ୍ରତ୍ୟାଖ୍ୟାନ କରି ନିଜସ୍ୱ ଜ୍ଞାନ ଅର୍ଜନ ପୂର୍ବକ ପ୍ରକୃତ ଜ୍ଞାନୀଙ୍କୁ ସାମାଜିକ ଉଚ୍ଚସ୍ଥାନିତ କରାଯିବା ନିତାନ୍ତ ଆବଶ୍ୟକ । ଏବଂ ସମାଜରେ ଜାତି ଧର୍ମର ଉପଯୁକ୍ତ ଜ୍ଞାନ ବଣ୍ଟନ ପୂର୍ବକ ମଣିଷ ସମାଜକୁ ଶୁଦ୍ଧ କରାଯାଇପାରିବ; ଯାହା କାହାର ଅନ୍ତର୍ଭାବ ହେଉ ନ ଥିବା ଆଜି ସମୟର ଅତ୍ୟନ୍ତ ଦୁଃଖଦ ବିଷୟର ଅନ୍ତ କେବେ...?! *(ସମାପ୍ତ)*

**-ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ-୭୬୧୦୨୦, ଦୂରଭାଷ: ୯୪୩୭୩୨୪୯୧୭

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଉତ୍କଳର ମା' ରମାଦେବୀ

**ହିମାଂଶୁଶେଖର ଆଚାର୍ଯ୍ୟ**



ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ। ଦେଶମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠିମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି। ୧୮୫୭ ମସିହା ସିପାହୀ ବିଦ୍ରୋହଠାରୁ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ବହୁ ବିପ୍ଳବୀ ଅଭୂତପୂର୍ବ ଆତ୍ମୋତ୍ସର୍ଗ ଓ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ରଖି ଯାଇଛନ୍ତି। ସେମାନଙ୍କ ସେହି ତ୍ୟାଗ ଚିରଦିନ ସ୍ମରଣୀୟ ହୋଇ ରହିବ। ଏହି ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଜାତୀୟ ଆନ୍ଦୋଳନରେ ଜଗତସିଂହପୁରର ଭୂମିକା ବି କୌଣସି ଗୁଣରେ କମ୍ ନ ଥିଲା। ଏହି ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ନିତ୍ୟାନନ୍ଦ କାନୁନ୍‌ଗୋ, ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ, ନାରାୟଣ ବୀରବର ସାମନ୍ତ, ଗୌରାଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟକବି ବୀରକିଶୋର ଦାସ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ବିଶେଷକରି ଜଗତସିଂହପୁରର ଯେଉଁ ମହୀୟସୀ ମହିଳାମାନେ ସେ ସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞବେଦୀରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳର ମା' ରମାଦେବୀ ଅଗ୍ରଗଣ୍ୟା।

ଏହି ଯୋଗଜନ୍ମା ନାରୀନେତ୍ରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତା ଗୋପାଳବଲ୍ଲଭ ଦାସ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଓ ସେତେବେଳର ଡେପୁଟି କଲେକ୍ଟର ତଥା ଓଡ଼ିଶାର ପ୍ରଥମ ଉପନ୍ୟାସ 'ଭୀମା ଭୂୟାଁ'ର ଲେଖକ। ପରବର୍ତ୍ତୀ ସମୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ରବଧୂ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ। ୧୯୨୧ ମସିହାର କଥା। ପ୍ରଥମ ଥର ପାଇଁ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସିଥିଲେ। ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା। ଗାନ୍ଧିଜୀ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଜାତିର କିଛି ବଡ଼କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ନାରୀମାନଙ୍କୁ ଛାଡ଼ିବାକୁ ହେବ। ସେ ପୁଣି କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ। ଏସବୁ ଗହଣାଗାଣ୍ଠିର ଆଦର ଛାଡ଼ି ଦିଅନ୍ତୁ। ଅନ୍ତରର ସୁଗନ୍ଧ ହିଁ ସବୁଠାରୁ ବେଶୀ ବାସ ଚହଟାଇ ପାରିବ, ତାହାଦ୍ୱାରା ହିଁ ଆପଣମାନେ କେବଳ ପୁରୁଷକୁ ନୁହେଁ ସମଗ୍ର ମାନବଜାତିକୁ ବଶ କରିପାରିବେ। ଏହି ସଭାରେ ରମାଦେବୀ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ କଥାରେ କି କୁହୁକ ଥିଲା କେଜାଣି ସେଥିରେ ଅନୁପ୍ରାଣିତ ହୋଇ ରମାଦେବୀ ତା'ପରଠାରୁ ଦେଶସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ।



୧୯୨୨ ମସିହା ଫେବୃଆରୀ ମାସ ଶ୍ରୀପଞ୍ଚମୀ ତିଥିରେ ଜଗତସିଂହପୁର ଅଳକା ନଦୀ କୂଳରେ ପ୍ରତିଷ୍ଠା ହେଲା 'ଅଳକାଶ୍ରମ'। ସେତେବେଳେ ଏହି ଅଳକାଶ୍ରମ ଥିଲା ସ୍ୱଦେଶୀ ଆନ୍ଦୋଳନର ଯଜ୍ଞପୀଠ ଓ ସ୍ୱାଧୀନତା ସଂଗ୍ରାମୀ ତିଆରି କାରଖାନା। ଏଇଠୁ ରମାଦେବୀଙ୍କ ରାଜନୈତିକ ଓ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା। ତାଙ୍କରି ପ୍ରରୋଚନାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେ଼ପୁଟି କଲେକ୍ଟର ଚାକିରି ଛାଡ଼ି 'ଅଳକାଶ୍ରମ'ର ତତ୍ତ୍ୱାବଧାରକ ରୂପେ ଯୋଗ ଦେଇଥିଲେ। ସେହିଁ ଥିଲେ ଗୋପବନ୍ଧୁଙ୍କର ପ୍ରକୃତ ପ୍ରେରଣାଦାତ୍ରୀ। ସହଧର୍ମିଣୀ ଭାବେ ସେ ସବୁ ସମୟରେ ସ୍ୱାମୀଙ୍କ ପାଖେ ପାଖେ ରହି ଆଦର୍ଶ ପତ୍ନୀର ଦାୟିତ୍ୱ ନିର୍ବାହ କରିଥିଲେ। ସେତେବେଳେ ଶହ ଶହ ଛାତ୍ର ଗାନ୍ଧିଜୀଙ୍କ ଡାକରାରେ ସ୍କୁଲ, କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନ ସାମିଲ ହେଉଥିଲେ। ଏହିସବୁ ଛାତ୍ରମାନଙ୍କୁ ଅଳକାଶ୍ରମରେ ରଖାଯାଇ ଶିକ୍ଷାଦାନର ବ୍ୟବସ୍ଥା ହେଲା। ଏଥିସହିତ ଅରଟରେ ସୂତା କାଟିବା, ରୋଗୀ ସେବା କରିବା, ଦୀନଦରିଦ୍ରମାନଙ୍କ ଯତ୍ନ ନେବା କାର୍ଯ୍ୟରେ ତାଲିମ ଦିଆଗଲା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ। ଏହି ଆଶ୍ରମବାସୀ ଛାତ୍ରମାନଙ୍କ ଖାଇବା-ପିଇବା, ରହିବା-ଶୋଇବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟରକ୍ଷାର ଦାୟିତ୍ୱ ନେଇଥିଲେ ନିଜେ ରମାଦେବୀ। ସେଥିପାଇଁ ଅଳକାଶ୍ରମର ଅନ୍ତେବାସୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହର ଡାକରା ଦେଲେ। ଗୁଜରାଟର ଦାଣ୍ଡିକୁ ଲବଣ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀଙ୍କର ପ୍ରସିଦ୍ଧ ଦାଣ୍ଡିଯାତ୍ରା ଆରମ୍ଭ ହୁଏ। ସେହିପରି ଓଡ଼ିଶାର ବାଲେଶ୍ୱରସ୍ଥ ଇଞ୍ଚୁଡ଼ିଠାରେ ଲୁଣମରା ହେବା ପାଇଁ ସ୍ଥିର ହୋଇଥାଏ। ପୋଲିସର ଦମନଲୀଳାକୁ ଭ୍ରୂକ୍ଷେପ ନ କରି ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରାକଲେ। ରମାଦେବୀ ଏଥିରେ ସାମିଲ ହୋଇଥିଲେ। ଆଖପାଖ ଗାଁରେ ବୁଲି ମହିଳାମାନଙ୍କୁ ଲବଣ ସତ୍ୟାଗ୍ରହରେ ଯୋଗଦେବା ପାଇଁ ଅନୁରୋଧ କଲେ। ରମାଦେବୀଙ୍କ ସାହସ ଦେଖି, ତାଙ୍କ କଥାରେ ବିଶ୍ୱାସ ରଖି ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସହଯୋଗ କଲେ। ଇଞ୍ଚୁଡ଼ିରେ ଲୁଣମରା କାର୍ଯ୍ୟ ଶେଷ କରି ରମାଦେବୀ କୁଜଙ୍ଗ ଅଭିମୁଖେ ଯାତ୍ରା କଲେ। ସେଠାରେ କୁଜଙ୍ଗର ରାଣୀଙ୍କୁ ମଧ୍ୟ ଲୁଣମରା ଅଭିଯାନରେ ସାମିଲ କରାଇଥିଲେ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଆରମ୍ଭ କଲେ। ହରିଜନ ବସ୍ତି ସଫେଇ ଓ ସେମାନଙ୍କର ମନୋବୃତ୍ତି ପରିବର୍ତ୍ତନ ଏହି ଯାତ୍ରାର ମୂଳଲକ୍ଷ୍ୟ ଥିଲା। ଏହି ଯାତ୍ରାରେ ହଜାର ହଜାର ଲୋକଙ୍କର ସମାବେଶ ହେଲା। ଗାନ୍ଧିଜୀଙ୍କ ସହ ସେତେବେଳେ ଏହି ପଦଯାତ୍ରାରେ ଥିଲେ ମୀରାବେନ୍, ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ। ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ରମାଦେବୀ କେବଳ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ନ ଥିଲେ, ଗାଁ ଗଣ୍ଡାରେ ଥିବା ଅଶିକ୍ଷିତ, ଗରିବ, ଦରିଦ୍ର, ନିଷ୍ପେଷିତ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ମଧ୍ୟ ଆପ୍ରାଣ ଚେଷ୍ଟା କରିଥିଲେ। ଏପରିକି ସେ ସମୟରେ ରମାଦେବୀ ହରିଜନ ପାଣ୍ଠିକୁ ତାଙ୍କର ସୁନାଗହଣା ମୁକ୍ତହସ୍ତରେ ଦାନ କରିଥିଲେ। ଏହାପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରୀକୁ ନିଜର କର୍ମକ୍ଷେତ୍ରରୂପେ ବାଛିନେଲେ ରମାଦେବୀ। କେବଳ ନିଜେ ନୁହଁନ୍ତି ପରିବାରକୁ ସେବାକର୍ମରେ ଦୀକ୍ଷିତ କରିଥିଲେ ସେ। ଦେବର ନବକୃଷ୍ଣ ଚୌଧୁରୀ, ଯାଆ ମାଳତୀ ଦେବୀ, ପୁତ୍ର ମନମୋହନ, କନ୍ୟା ଅନ୍ନପୂର୍ଣ୍ଣା ଓ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ସମସ୍ତଙ୍କୁ ତ୍ୟାଗ ଓ ସେବା ଧର୍ମରେ ଅନୁପ୍ରାଣିତ କରିଥିଲେ। ସତରେ, ତାଙ୍କ ଆତ୍ମୋତ୍ସର୍ଗର ପଟାନ୍ତର ନାହିଁ।

ଆନ୍ଦୋଳନ ଶେଷ ହେଲା, ଭାରତବର୍ଷ ସ୍ୱାଧୀନ ହେଲା। ମାତ୍ର ରମାଦେବୀ ଚୁପ୍ ହୋଇ ବସି ନ ଥିଲେ। କେବଳ ସେବା ଆଉ ସେବା ଥିଲା ତାଙ୍କର ଜୀବନର ପରମମନ୍ତ୍ର। ମହିଳାମାନଙ୍କର ଉନ୍ନତି ସାଧନ, ହରିଜନ କଲ୍ୟାଣ, ମୌଳିକ ଶିକ୍ଷା ପ୍ରଦାନ ଓ ଗ୍ରାମ ସଂଗଠନ ପାଇଁ ସେ ସର୍ବଦା କର୍ମତତ୍ପର ଥିଲେ। ରମାଦେବୀ ଯେ କେବଳ ଓଡ଼ିଶାବାସୀଙ୍କ ପାଇଁ ଚିନ୍ତା କରୁଥିଲେ ତାହା ନୁହେଁ, ସେ ସମଗ୍ର ମାନବଜାତି ପାଇଁ ଚିନ୍ତା କରୁଥିଲେ। ଏହାହିଁ ଥିଲା ତାଙ୍କର ବିଶେଷତ୍ୱ। ସେଥିପାଇଁ ଭୂଦାନ ଆନ୍ଦୋଳନର ପ୍ରବକ୍ତା ବିନୋବାଜୀ ଓଡ଼ିଶା ଆଗମନ ସମୟରେ ରମାଦେବୀଙ୍କୁ ଭୂମି ବଣ୍ଟନ ଦାୟିତ୍ୱ ଦେଇଥିଲେ। ଜୀବନବ୍ୟାପୀ କରିଥିବା ସେବା ଓ ତ୍ୟାଗ ପାଇଁ ତାଙ୍କୁ ୧୯୮୧ ମସିହାରେ 'ଯମୁନା ଲାଲ ବାଜାଜ୍' ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏଥିପାଇଁ ତାଙ୍କୁ ମିଳିଥିବା ଏକଲକ୍ଷ ଟଙ୍କାକୁ ସେ ଅସହାୟ ମହିଳା ଓ ଶିଶୁମାନଙ୍କ ପାଇଁ ଦାନ କରିଦେଇଥିଲେ। ସେହିପରି ରମାଦେବୀଙ୍କ ଉତ୍ସର୍ଗୀକୃତ ସେବା ଓ କାର୍ଯ୍ୟକୁ ସ୍ୱୀକୃତି ଜଣାଇ ଉତ୍କଳ ବିଶ୍ୱବିଦ୍ୟାଳୟ ରମାଦେବୀଙ୍କୁ ୧୯୮୪ ମସିହାରେ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା। ଏସବୁ ପୁରସ୍କାର ଓ ସମ୍ମାନ ଲାଭ କରିବା ପରେ ସେ କହିଥିଲେ ପୁରସ୍କାର ଓ ସମ୍ମାନ ହେଲା ଲୋକଦେଖାଣିଆ ଉପହାର, ଭଗବାନଙ୍କ ଆଶୀର୍ବାଦ ହିଁ ପ୍ରକୃତ ପୁରସ୍କାର ଓ ଶ୍ରେଷ୍ଠ ସମ୍ମାନ।

ମଣିଷ ବଞ୍ଚିରହେ ତା'ର କର୍ମକୁ ନେଇ, ଦୀର୍ଘ ଜୀବନ ପାଇଁ ନୁହେଁ। ଏହାକୁ ଯଥାର୍ଥରେ ପ୍ରତିପାଦନ କରିଥିଲେ ମା' ରମାଦେବୀ। ତ୍ୟାଗ ଓ ମମତାର ଅନନ୍ୟ ପ୍ରତିମା ଥିଲେ ସେ। ଆଜି ରମାଦେବୀ ଆମ ଗହଣରେ ନାହାଁନ୍ତି। ୧୯୮୫ ମସିହା ଜୁଲାଇ ୨୨ ତାରିଖ ଦିନ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ; କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସପଟ୍ଟରେ ଚିରନମସ୍ୟା ହୋଇ ଓ ରହିଥିବେ ମଧ୍ୟ ।

*—ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ.୯୯୩୭୧୫୧୦୫୨*

# ମନର ନିୟନ୍ତ୍ରଣ

**ଡ. ପ୍ରତିଭା ମହାରଥୀ**

ମନର ଶକ୍ତି ହିଁ ମଣିଷର ଶ୍ରେଷ୍ଠ ଶକ୍ତି ଅଟେ। କଥାରେ କଥାରେ କୁହାଯାଏ, "ମନ ଭଲ ଥିଲେ ଗଡ଼ିଆ ଗଙ୍ଗା।" ଅର୍ଥାତ୍ ମନ ଯଦି ପ୍ରସନ୍ନ ଅଛି, ତେବେ ତୁମ ଚତୁଃପାର୍ଶ୍ୱର ଦୁନିଆ ଖୁବ୍ ସୁନ୍ଦର ଲାଗିବ। ମନୁଷ୍ୟ, ପଶୁ, ପକ୍ଷୀ, ବନ ଉପବନ, ନଦୀ, ଆକାଶ ସମସ୍ତେ ଲାଗିବେ ଭାରି ମନଛୁଆଁ। ମନ ଓ ଶରୀର ଏ ଉଭୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମନ ଭଲ ଥିଲେ ଶରୀର ଉପରେ ଏହାର ପ୍ରଭାବ ପଡ଼ିଥାଏ। ଠିକ୍ ସେହିପରି ଶରୀରର ମଧ୍ୟ ମନ ଉପରେ ପ୍ରଭାବ ପଡ଼େ। ଇଂରାଜୀରେ କୁହାଯାଏ-"Face is the index of mind." ମନର ଖୁସି ମୁହଁରେ ପ୍ରତିଫଳିତ ହୋଇଥାଏ। ମାଆମାନେ ସନ୍ତାନମାନଙ୍କୁ ମୁହଁ ଶୁଖିଥିଲେ କହନ୍ତି, "ଆଜି କ'ଣ ମନ ଭଲ ନାହିଁକି?" ମନର ପ୍ରଭାବ ଶରୀରର ପ୍ରଭାବ ଠାରୁ ଅଧିକ ଫଳପ୍ରଦ ହୋଇଥାଏ। କାରଣ ମନକୁ ମିଶାଇ ଶରୀରର ଏକାଦଶ ଇନ୍ଦ୍ରିୟ ଓ ଏହି ଇନ୍ଦ୍ରିୟମାନଙ୍କର ମୁଖିଆ ହେଲା ମନ। ମନ ଉପରେ ବୁଦ୍ଧି ଓ ବୁଦ୍ଧି ଉପରେ ସଂସ୍କାର ନିୟନ୍ତ୍ରଣ କରେ। ଆମ ଦେଶର ମୁନିଋଷିମାନେ ମଣିଷର ଭାବନାକୁ ଚାରୋଟି ନାଁ ଦେଇଛନ୍ତି। ତାକୁ ଚତୁଃ ଅନ୍ତଃକରଣ ବୋଲି କହନ୍ତି। ତାହା ହେଲା, ମନ, ବୁଦ୍ଧି, ଚିତ୍ତ ଓ ଅହଙ୍କାର। ତେବେ ଏହି ଚାରି ଅନ୍ତଃକରଣଙ୍କର ଗୋଟିଏ ଗୋଟିଏ ବୃତ୍ତି ଅଛି। ମନର ବୃତ୍ତି ହେଉଛି- ସଂଶୟ କରିବା। ବୁଦ୍ଧିର ବୃତ୍ତି ହେଉଛି- ନିଶ୍ଚୟ କରିବା। ଚିତ୍ତର ବୃତ୍ତି - ଅନୁସନ୍ଧାନ କରିବା ଏବଂ ଅହଙ୍କାରର ବୃତ୍ତି ହେଉଛି ଅଭିମାନ କରିବା। ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଅର୍ଜୁନ ସ୍ୱୀକାର କରିଛନ୍ତି ଯେ, ମନ ଏକସଙ୍ଗେ ଚଞ୍ଚଳିଆ, ଅମାନିଆ, ଜିଦ୍‌ଖୋର ଏବଂ ଶକ୍ତିଶାଳୀ। ବାୟୁ ଭଳି ମନକୁ ଆୟତ୍ତ କରିବା କଷ୍ଟକର। ଏହି ପ୍ରସଙ୍ଗରେ କୃଷ୍ଣ ତାଙ୍କ ସହ ଏକମତ ହେବା ସହ ବୁଝାଇଛନ୍ତି, ମନ ଯେତେ ଶକ୍ତିଶାଳୀ ହୋଇଥିଲେ ହେଁ ଅଜେୟ ନୁହେଁ। ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ତାହାକୁ ସମ୍ପୂର୍ଣ୍ଣ ବଶୀଭୂତ କରାଯାଇପାରେ। ଅନିୟନ୍ତ୍ରିତ ମନ ଇନ୍ଦ୍ରିୟ ସୁଖ ଲାଭ କରିବା ପାଇଁ ସର୍ବଦା ଲାଳାୟିତ ଥାଏ। ନିଜର ସମସ୍ତ ସ୍ଥୂଳ କାମନାର ପୂରଣ ପାଇଁ ଯୋଜନା ପରେ ଯୋଜନା କରିଚାଲେ। କେବଳ ସ୍ୱାର୍ଥସିଦ୍ଧି ଲାଗି ବ୍ୟସ୍ତ ରହେ। କାମ, କ୍ରୋଧ ଏବଂ ଲୋଭ ଅମାନିଆ ମନର ସାଥୀ। ଏ ତିନିହେଁ ହେଲେ ନର୍କର ଦ୍ୱାର ସଦୃଶ। ଏମାନେ ଆମ ଭିତରେ ଭରିଦିଅନ୍ତି ପଶୁତ୍ୱ; ଆମକୁ ପରମାତ୍ମାଙ୍କଠାରୁ ଦୂରାଇ ଦିଅନ୍ତି। ଏଣୁ ମନକୁ ନିୟନ୍ତ୍ରିତ ନ କଲେ ରକ୍ଷାନାହିଁ। ଅପରପକ୍ଷେ ମନକୁ ନିୟନ୍ତ୍ରିତ କରିପାରିଲେ ଯେଉଁ ଅପୂର୍ବ ଶକ୍ତି ମିଳେ, ତାହା ସହ କେହି ବା କିଛି ତୁଳନୀୟ ନୁହେଁ। ମନ ହେଉଛି ବିକ୍ଷିପ୍ତ ସୂର୍ଯ୍ୟ କିରଣ ପରି। ସୂର୍ଯ୍ୟଙ୍କ କିରଣ କେତେ ଶକ୍ତିଶାଳୀ; କିନ୍ତୁ ଏକ ସଙ୍ଗେ କେତେ ଶକ୍ତିହୀନ। ସୂର୍ଯ୍ୟକିରଣ ଏତେ ତେଜବାନ୍ ହୋଇଥିଲେ ହେଁ ନିଆଁ ଟିକିଏ ଜଳାଇପାରେ କି? କିନ୍ତୁ, ସେହି କିରଣକୁ ଯବକାଚ ସାହାଯ୍ୟରେ କେନ୍ଦ୍ରୀଭୂତ କଲାକ୍ଷଣି ନିଆଁ ଜଳିଉଠେ। ଠିକ୍ ସେହିପରି ଇଆଡ଼େ ସିଆଡ଼େ ଖେଳାଇ ହୋଇଯାଇଥିବା ଚଞ୍ଚଳିଆ ମନକୁ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ କରିପାରିଲେ, ତାହା ପାଲଟିଥାଏ ଅଜେୟ ଶକ୍ତିର ଉତ୍ସ। ଯୋଗ ସାଧନା ଦ୍ୱାରା ମନକୁ ବଶୀଭୂତ କରାଯାଇପାରେ।



ମନକୁ କେହି କେହି ଦର୍ପଣଟିଏ ସହ ତୁଳନା କରିଛନ୍ତି। ଦର୍ପଣରେ ପ୍ରତିବିମ୍ବ ଦେଖାଯିବା ଭଳି ମନ ଦର୍ପଣରେ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥାଏ। କିନ୍ତୁ କାନ୍ଥରେ ଟଙ୍ଗାଯାଇଥିବା ଦର୍ପଣଟି ଯଦି ସ୍ଥିର ନଥାଇ ହଲୁଥାଏ ତେବେ ସେଥିରେ ମୁହଁର ସ୍ଥିର ପ୍ରତିବିମ୍ବ ଦେଖାଯାଏ ନାହିଁ। ତାହା ମଧ୍ୟ ହଲୁଥାଏ। ସେହିପରି ମଣିଷର ମନ ଯଦି ସ୍ଥିର ନଥାଇ ବିଚଳିତ, ବିକ୍ଷିପ୍ତ ବା ଅଶାନ୍ତ ରହିଥାଏ ତେବେ ବ୍ୟକ୍ତି ସତ୍ତାଟି ମଧ୍ୟ ଅସ୍ଥିର ବା ହଲଚଲ୍ ଜଣାପଡ଼େ। ପୁନଶ୍ଚ ଦର୍ପଣର କାଚ ଉପରେ ଯଦି ବହଳ ଧୂଳିର ଆସ୍ତରଣ ଜମି ରହିଥାଏ ତେବେ ମଧ୍ୟ ମୁହଁ ଖୁବ୍ ଅସ୍ପଷ୍ଟ ଦେଖାଯାଏ। ଠିକ୍ ସେହିପରି ମନରେ ଅଜ୍ଞତା, ଅନ୍ଧବିଶ୍ୱାସ, ଭରପୂର ହୋଇ ଜମି ରହିଥିଲେ ମଣିଷର ବୁଦ୍ଧି, ବୃତ୍ତି, ବିଚାର, ସଂକଳ୍ପ ସବୁକିଛି ବିଗିଡ଼ିଯାଏ। ତୃତୀୟତଃ ଯଦି ଦର୍ପଣ ଉପରେ ପରଦା କିମ୍ବା କିଛି ଆବରଣ ଥାଏ ତେବେ ତାହାକୁ ନ ଆଡ଼େଇବା ପର୍ଯ୍ୟନ୍ତ ଦର୍ପଣରେ ମୁହଁ ଦେଖି ହୁଏନାହିଁ, ଆଉ ମଣିଷର ମନ ରୂପକ ଦର୍ପଣରେ ଏହି ଆବରଣଟି ହେଲା ଅହଙ୍କାର। ଏହାକୁ ନ ହଟେଇଲା ପର୍ଯ୍ୟନ୍ତ ମଣିଷ ବିଭୁଦତ୍ତ ସ୍ୱର୍ଗୀୟ ଗୁଣଗୁଡ଼ିକଠାରୁ ଅନେକ ଦୂରରେ ରହିଯାଏ। କେହି କେହି ଉପରୋକ୍ତ ତ୍ରୁଟିଗୁଡ଼ିକ ମନର 'ମଳ' ବୋଲି ମଧ୍ୟ କହିଥାନ୍ତି। ତେଣୁ ମନରୂପକ ଘୋଡ଼ାକୁ ଉପଯୁକ୍ତ ତାଲିମ ଦେଇ ନିୟନ୍ତ୍ରଣ କରିପାରିଲେ ମନୁଷ୍ୟ ଅସୀମ ଶକ୍ତିର ଅଧିକାରୀ ହୋଇପାରେ। ମନର ଏହି ଶକ୍ତି ବା ବଳକୁ ନେଇ ଏକ ଉଚ୍ଚକୋଟିର କାହାଣୀ ଏଠାରେ ଉପସ୍ଥାପନ କରୁଛି। ଦୁଇ ସାଙ୍ଗ ଯାଉଥିଲେ। ସେମାନଙ୍କ ଭିତରୁ ଜଣେ ଥିଲା ଅସମ୍ଭବ ଭାବେ ମୋଟା ଏବଂ ଆର ଜଣକ ଅସମ୍ଭବ ଭାବେ ପତଳା। ମୁହଁ ସଞ୍ଜ ହୋଇ ଆସୁଥିଲା। ଦୈବାତ୍ ମୋଟା ପିଲାଟି ପଡ଼ିଗଲା ଗୋଟିଏ ଗଭୀର ଖାତରେ। ପତଳା ସାଙ୍ଗଟି ତାକୁ ବାହାର କରିବା ଲାଗି ଚେଷ୍ଟାକଲା। ସେ ଦେଖିଲା ନିକଟରେ ଗୋଟିଏ ଲମ୍ବା ଓ ଶକ୍ତ ରଶି ପଡ଼ିଛି। ସେ ସେଇ ରଶିଟିକୁ ତଳକୁ ଖସାଇଲା ଏବଂ ସେଥିରେ ତାର ମୋଟା ସାଙ୍ଗକୁ ଭିଡ଼ି ବାହାର କଲା। ଦୁହେଁ ଝାଳନାଳ ଓ କାଦୁଅ ସରସର ହୋଇ ଘରକୁ ଫେରିଲେ। ଗାଁ ଲୋକ ପଚାରିଲେ କଥା କ'ଣ? ମୋଟା ପିଲାଟି କହିଲା ମୁଁ ଗୋଟିଏ ବଡ଼ ଗାତରେ ପଡ଼ିଯାଇଥିଲି। ମୋତେ ମୋ' ସାଙ୍ଗ ଦଉଡ଼ିରେ ଭିଡ଼ି ବାହାର କଲା। ଏ କଥା ଶୁଣି ଗାଁ ଲୋକେ ହସିଲେ। ସେମାନେ କହିଲେ- ବୋକା ବନେଇବାକୁ ତୁମ ଦୁଇଜଣଙ୍କୁ ଆଉ କେହି ମିଳିଲେ ନାହିଁ? ଖଡ଼ିକା କାଠି ଭଳି ପିଲା, ସେ ପୁଣି ହାତୀକୁ ଟାଣି ବାହାର କଲା? ଏହା ଅସମ୍ଭବ। ତେଣୁ ଗାଁରେ କେହି ଏ କଥାକୁ ବିଶ୍ୱାସ କଲେନାହିଁ। କିନ୍ତୁ ଜଣେ ବୁଢ଼ା ଏହାକୁ ବିଶ୍ୱାସ କଲେ। ଗାଁ ଲୋକେ କହିଲେ-ମଉସା ଏହା ସମ୍ଭବ କେମିତି? ବୁଢ଼ା କହିଲେ- ଯେହେତୁ ସେଇ ପିଲା ଏ କାମଟି କଲାବେଳକୁ ଏହାକୁ ଅସମ୍ଭବ ବୋଲି କହିବାକୁ ତୁମ ଭିତରୁ କେହି ସେଠି ନଥିଲେ। ଯେତେବେଳେ ତାର ସାଙ୍ଗ ଗାତରେ ପଡ଼ିଯାଇଥିବ, ସେତିକି ବେଳେ ସେ କେବଳ ଗୋଟିଏ ଲକ୍ଷ୍ୟରେ ଥିବ, ତାହା ହେଲା ସାଙ୍ଗକୁ କେମିତି ବାହାର କରିବ। ସେଇ ଜିଦିରେ ସେ ତାର ସାମର୍ଥ୍ୟକୁ ଅତିକ୍ରମ କରି ଅସାଧ୍ୟକୁ ସାଧ୍ୟ କରିପାରିଲା। ତେଣୁ କୌଣସି କଥା ଅସମ୍ଭବ ନୁହେଁ। କିନ୍ତୁ ମନ ଭିତରେ ତାହା ପଶିଗଲେ ମନର ବଳ କମିଯାଏ ଏବଂ ମନର ବଳ କମିଗଲେ ଶରୀର ବି ବଳ ପାଏନାହିଁ। ଇଂରାଜୀରେ କୁହାଯାଏ- "No emotion is more beautiful than happiness." ମନକୁ ଖୁସି ରଖିବାର ଗୋଟିଏ ବଡ଼ ତରିକା ହେଲା ସବୁବେଳେ ମନକୁ କିଛି ନା କିଛି ସକାରାତ୍ମକ ଚିନ୍ତାରେ ବୁଡ଼ାଇ ରଖିବା ଓ ଦୈନନ୍ଦିନ ଜୀବନଶୈଳୀ (Art of Living)କୁ ଯେତେ ପରିମାଣରେ ମାର୍ଜିତ ଓ ଶୃଙ୍ଖଳିତ କରାଯାଇପାରେ କରିବା ଏବଂ ସମୟ ରୂପକ ଶ୍ରେଷ୍ଠ ସମ୍ପଦକୁ ଉଚିତ ମାର୍ଗରେ ବିନିଯୋଗ କରିବା।


*-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ଶାସକ ବିରୋଧିଦଳ ପାଇଁ ସତର୍କଘଂଟି

ଦେଶରେ ସାଧାରଣ ନିର୍ବାଚନ ଆଉ ମାତ୍ର ଦେଢ଼ବର୍ଷରୁ କମ୍ ସମୟ ବାକିଥିବାବେଳେ ନିକଟରେ ଘୋଷିତ ଛଅଟି ରାଜ୍ୟର ୭ଟି ବିଧାନସଭା ଆସନର ଉପ-ନିର୍ବାଚନ ଫଳାଫଳ ନିଶ୍ଚିତ ଭାବେ କେନ୍ଦ୍ରର କ୍ଷମତାସୀନ ବିଜେପି ପାଇଁ ଉତ୍ସାହଜନକ ବୋଲି କୁହାଯାଇପାରିବ। ୭ଟି ଆସନ ମଧ୍ୟରୁ ବିଜେପି ୪ଟି ଆସନ ଅକ୍ତିଆର କରିଛି, ଯେଉଁଥିରେ ପୂର୍ବରୁ ୩ଟି ଆସନ ବିଜେପି ହାତରେ ଥିଲା। ତେବେ ଜଣେ ଦଳବଦଳକାରୀ ଦ୍ୱାରା ଚତୁର୍ଥ ଆସନଟି ଖାଲି ହୋଇଥିଲା ବେଳେ ବିଜେପି ଟିକେଟରେ ଦଳବଦଳକାରୀ ଜଣଙ୍କ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ହରିଆନାର ଆଦାମପୁର ବିଧାନସଭା ଆସନଟି ୧୯୬୬ ମସିହାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭଜନଲାଲଙ୍କ ପରିବାର ହାତରେ ଥିବାବେଳେ ଏଥର ବିଜେପି ବିଜୟୀ ହୋଇଛି। ତେବେ ବିଜେପି ପ୍ରାର୍ଥୀ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କୀୟ। ଉତରପ୍ରଦେଶର ଗୋଲାକୋକର୍ଣ୍ଣନାଥ ଏବଂ ଓଡ଼ିଶାର ଧାମନଗର ବିଧାନସଭା ଆସନ, ଯାହାକି ପୂର୍ବରୁ ବିଜେପି ହାତରେ ଥିଲା, ଉପ-ନିର୍ବାଚନରେ ୨୦୧୯ ନିର୍ବାଚନ ତୁଳନାରେ ଅଧିକ ବ୍ୟବଧାନରେ ବିଜୟ ହୋଇଛି। ଏହି ଦୁଇ ଆସନରେ ବିଜେପି ବିଜୟୀ ହେବ ବୋଲି ଆଶା କରାଯାଉଥିଲା। ଧାମନଗର ବିଧାନସଭା ଆସନରେ ବିଜେଡିର ପ୍ରାର୍ଥୀ ଚୟନରେ ତ୍ରୁଟି, ଦଳର ଜଣେ ବରିଷ୍ଠ ନେତାଙ୍କ ବିଦ୍ରୋହ ଏବଂ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଦଳୀୟ ନେତାଙ୍କ ଖାମଖିଆଲ ନୀତି ଓ ଅହଂକାର ଯୋଗୁଁ ୨୦୦୯ ମସିହା ପରେ ପ୍ରଥମ ଥର ପାଇଁ ଉପ-ନିର୍ବାଚନରେ ବିଜେଡି ପରାଜୟର ସ୍ୱାଦ ରଖିଛି। ସେହିପରି ତେଲେଙ୍ଗାନାରେ ଶାସକ ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି (ଟିଆରଏସ) ବିଜୟୀ ହୋଇଥିଲେ ମଧ୍ୟ ବିଜେପି ସହ କଡ଼ା ଟକ୍କରର ସମ୍ମୁଖୀନ ହୋଇଛି। ତେବେ ଉପ-ନିର୍ବାଚନରେ କଂଗ୍ରେସ କୌଣସି ଗୋଟିଏ ହେଲେ ଆସନରେ ବିଜୟୀ ହୋଇପାରି ନ ଥିବାବେଳେ କୌଣସିଠାରେ ମଧ୍ୟ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିନାହିଁ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ଏବଂ ଗାନ୍ଧୀ ନେହେରୁ ପରିବାର ବାହାରୁ ଦଳର ରାଷ୍ଟ୍ରୀୟ ସଭାପତି ନିର୍ବାଚିତ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ଭୋଟରଙ୍କୁ ଆକୃଷ୍ଟ କରିପାରିନାହିଁ। ଉପ-ନିର୍ବାଚନରେ ଦଳର ସ୍ଥିତି ତୃତୀୟ କିମ୍ବା ଚତୁର୍ଥ ସ୍ଥାନରେ ରହିଛି। ବିଜେପିର ଲଢେଇ ମୁଖ୍ୟତଃ ଓଡ଼ିଶାରେ ବିଜେଡି, ବିହାରରେ ଆରଜେଡି-ଜେଡିୟୁ ମେଂଟ, ଉତରପ୍ରଦେଶର ସମାଜବାଦୀ ପାର୍ଟି, ତେଲେଙ୍ଗାନାର ଟିଆରଏସ ସହ ହୋଇଛି। ଓଡ଼ିଶାରେ କଂଗ୍ରେସ ଚତୁର୍ଥ ସ୍ଥାନରେ ରହିଥିବାବେଳେ ଏକଦା କ୍ଷମତା ପାଇଁ ଦାବିଦାର ଥିବା କଂଗ୍ରେସ ସ୍ଥିତି ତେଲେଙ୍ଗାନାରେ ଲୋପ ପାଇବାକୁ ବସିଛି। ୨୦୧୪ରୁ ୨୦୦୯ ମଧ୍ୟରେ କଂଗ୍ରେସରୁ ଟିଆରଏସ ଦଳତ୍ୟାଗୀଙ୍କୁ ଉତ୍ସାହିତ କରିବା ଯୋଗୁଁ କଂଗ୍ରେସର ସ୍ଥିତି ନିମ୍ନଗାମୀ ହୋଇଥିବା ବେଳେ ବିଜେପି ଏବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଆସନ୍ତା ଲୋକସଭା ଓ ବିଧାନସଭା ନିର୍ବାଚନରେ ଟିଆରଏସ ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିପରି ଓଡ଼ିଶାରେ ବିଜେପି ଏବେ ମୁଖ୍ୟ ବିରୋଧିଦଳର ଭୂମିକା ଗ୍ରହଣ କରିବା ସହ ନିଜର ଶକ୍ତି ବୃଦ୍ଧି ପାଇଁ ଲଗାତର ଲଢୁଆ କାର୍ଯ୍ୟକ୍ରମମାନ ଜାରି ରଖିଛି। ଉତରପ୍ରଦେଶରେ କ୍ରମାଗତ ଭାବେ ସମାଜବାଦୀ ପାର୍ଟି ପରାଜୟର ସ୍ୱାଦ ଚାଖିଆସୁଥିବା ସତ୍ତ୍ୱେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭୂମିକାରେ ରହିଛି। ବିହାରର ଦୁଇଟି ଆସନ ମଧ୍ୟରୁ ଗୋଟିକରେ ତଥା ଗୋପାଳଗଂଜ ଆସନରେ ବିଜେପି ନିଜର ଦବ୍‌ଦବା ବଜାୟ ରଖିଥିବା ସତ୍ତ୍ୱେ ୨୦୨୦ ନିର୍ବାଚନ ତୁଳନାରେ ବିଜୟ ବ୍ୟବଧାନ ୩୬୦୦୦ରୁ ୧୮୦୦୦କୁ ହ୍ରାସ ପାଇଛି। ମୋକଦମାରେ ଜେଡିୟୁ ଆରଜେଡି ମେଂଟର ବିଜୟ ହୋଇଛି। ତେବେ ବିଜୟ ବ୍ୟବଧାନ ଗତ ନିର୍ବାଚନ ତୁଳନାରେ ହ୍ରାସ ପାଇବା ନିଶ୍ଚିତ ଭାବେ ଦଳ ପାଇଁ ହତୋତ୍ସାହଜନକ। ମହାରାଷ୍ଟ୍ରର ଆନ୍ଧେରି ବିଧାନସଭା ଆସନରେ ଉଦ୍ଧବ ଗୋଷ୍ଠୀ ଶିବସେନା ବିଜୟୀ ହୋଇଥିବାବେଳେ ୧୨୦୦୦ ନୋଟା ଭୋଟ ପଡିବା ନିଶ୍ଚିତ ଭାବେ ଚିନ୍ତାଜନକ, ଯାହାକି ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଉଲ୍ଲେଖଯୋଗ୍ୟ ଯେ, ହିମାଚଳ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଶେଷ ହୋଇଥିବା ବେଳେ ଗୁଜରାଟ ବିଧାନସଭା ପାଇଁ ଡିସେମ୍ବର ୧ ଓ ୫ ତାରିଖରେ ଦୁଇଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହେଉଛି। ଆହୁରି ମଧ୍ୟ ଓଡିଶା ସହ କେତେକ ରାଜ୍ୟରେ ବିଧାନସଭା ପାଇଁ ଏବଂ ଉତରପ୍ରଦେଶର ମୁଲାୟମ ସିଂହ ଯାଦବଙ୍କ ପରଲୋକ ଯୋଗୁଁ ତାଙ୍କ ଲୋକସଭା ଆସନରେ ଉପ-ନିର୍ବାଚନ ଫଳାଫଳ ଗୁଜରାଟ ବିଧାନସଭା କିମ୍ବା ଉପ-ନିର୍ବାଚନକୁ ପ୍ରଭାବିତ କରିବା ସମ୍ଭାବନା ଆଦୌ ନାହିଁ। କିନ୍ତୁ ଉପ-ନିର୍ବାଚନ ଫଳାଫଳ ଯେ ଉଭୟ ଶାସକ ଓ ବିରୋଧିଦଳମାନଙ୍କ ପାଇଁ ଏକ ଆଗୁଆ ସତର୍କଘଂଟି, ଏଥିରେ କୌଣସି ସନ୍ଦେହ ନାହିଁ।



**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯




## 'ପ୍ରୟାସ' ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ



ଦର୍ପଣ (ପିଏନ)-ଡିସେମ୍ବର ୧ ତାରିଖ. ସାରା ବିଶ୍ୱ ୧୯୯୮ ମସିହା ଠାରୁ ଏଡସ୍ ଦିବସ ପାଳନ କରୁଛି। ବର୍ତ୍ତମାନ ସାରା ସମାଜରେ ଯେଉଁ ରୋଗ ଆତଙ୍କ ଖେଳାଇ ଦେଇଛି ତାହା ହେଉଛି ଏଡସ୍ ରୋଗ। କଥାରେ ଅଛି ଘରେ ଗୋଖର ସାପ ପୋଷିବା ଯାହା ଏଡସ୍ ରୋଗ କିଣିବା ସେଇଆ । ଏହା ଏକ ମାରାତ୍ମକ ରୋଗ। କେବଳ ସଚେତନତା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ। ସେଥିପାଇଁ କୁହାଯାଇଛି ରୋଗକୁ ଦୁରେଇ ରୁହନ୍ତୁ ରୋଗୀକୁ ନୁହେଁ । ସାରା ଦେଶ ଆଜି ଏହି ଦିବସ ପାଳନ କରୁଥିବା ବେଳେ ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରୟାସ' ସେଚ୍ଛାସେବୀ ଅନୁଷ୍ଠାନ ଚଣ୍ଡିଖୋଲ ଓ ବଡ଼ଚଣା ସ୍ଥିତ ମଦର ଟେରେସା ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ମିଳିତ ସହଯୋଗରେ ଏକ ସଚେତନତା ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ଏହି ଶୋଭାଯାତ୍ରା ବଡଚଣା ଗଣ୍ଡି ଛକ, ବଜାର, ଥାନା, ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିକ୍ରମା କରିଥିଲା.ଛାତ୍ରୀମାନେ ହାତରେ ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ଼ ମାନ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ସଚେତନତା ରାଲିକୁ ଯାଜପୁର ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ବଡଚଣା ଥାନା ପକ୍ଷରୁ ଥାନା ଅଧିକାରୀ ସୁଶୀଲ କୁମାର ନାୟକ ଥାନା ନିକଟରେ ସଚେତନତା ଶୋଭାଯାତ୍ରାକୁ ସ୍ୱାଗତ କରିବା ସହ ଏଭଳି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବ୍ୟାପକ ଜନସଚେତନତା ହିଁ ଏହି ରୋଗର ଏକମାତ୍ର ଔଷଧ ବୋଲି ନିଜ ବକ୍ତବ୍ୟରେ ଥାନାଧିକାରୀ କହିଥିଲେ। ପରେ ସଚେତନତା ଶୋଭାଯାତ୍ରା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲା। ସଚେତନତା ଶୋଭାଯାତ୍ରାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରାଜେଶ କୁମାର ଷଡ଼ଙ୍ଗୀ, ଜନସମ୍ପର୍କ ଅଧିକାରିଣୀ ମନୋରମା ସ୍ୱାଇଁ, ଫାର୍ମାସିଷ୍ଟ ପ୍ରବିର କୁମାର ଦାଶ ଓ ଶିବରାମ ସାହୁ ପ୍ରମୁଖ ସ୍ୱାଗତ କରିବା ସହ ଏଭଳି ଜନସଚେତନତା କାର୍ଯ୍ୟକ୍ରମ ଏଡ଼ସ ଭଳି ରୋଗ ନିରାକରଣର ପ୍ରକୃତ ଔଷଧ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୟାସର ସଭାପତି ତଥା ଆଇନଜୀବୀ ଆଶିଷ କୁମାର ମହାପାତ୍ର, ସମ୍ପାଦକ ଭାରତ ଭୁଷଣ ପଣ୍ଡା, ମଦର ଟେରେସାର ପରିଚାଳକ ପୁରୁଷୋତ୍ତମ ସାହୁ ଓ ସମ୍ପାଦକ ଉଲ୍ଲାସ କୁମାର ସାହୁଙ୍କ ତତ୍ୱାବଧାନରେ କରାଯାଇଥିଲା ବେଳେ ମଦର ଟେରସାର ଅଧକ୍ଷା ଫରିଆନା ସୁଲତାନା, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦେଓ, ସ୍ୱାତି ସୁମିତ୍ରା ଓ ସୋନାଲି ପଟ୍ଟନାୟକଙ୍କ ସହ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରୟାସ ପକ୍ଷରୁ ମୋହନ ମହାରଣା, ବସନ୍ତ ପଲେଇ, ଭବତୋଷ ବିଶ୍ୱାଳ, ମକରଧ୍ୱଜ ଦାସ୍, ଦିଲୀପ କୁମାର ସାହୁ, ପ୍ରମୋଦ ପ୍ରଧାନ, ଉତ୍କଳ ପ୍ରଧାନ, ସୁରେଶ ଖଣ୍ଡାଇ, ତ୍ରୈଲୋକ୍ୟ ନାଥ ନାୟକ, ବିଶ୍ୱରଂଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସୁରେନ୍ଦ୍ର ନାଥ ସାମଲ ଧନ୍ୟବାଦ ଦେଇଥିଲେ।

## କୋଣାର୍କ ଉତ୍ସବ-୨୦୨୨ ଅବସରରେ ଗଣଦୌଡ

କୋଣାର୍କ (ପିଏନ୍)-କୋଣାର୍କ ଉତ୍ସବ-୨୦୨୨ ଉପଲକ୍ଷେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ବସନ୍ତ ମଞ୍ଜରୀ ପାଠାଗାର ମିଳିତ ଆନୁକୁଲ୍ୟରେ ଗଣଦୌଡ଼ କାର୍ଯ୍ୟକ୍ରମ ଗତ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧିନ ନାୟକ, ବସନ୍ତମଞ୍ଜରୀ ପାଠାଗାର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ଥାନାଧିକାରୀ



ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହୀନିପତି ନେହେରୁ ଯୁବକେନ୍ଦ୍ର ପୁରୀର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଗଣଦୌଡରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ୧୦୦ଜଣ ସାମିଲ ହୋଇଥିଲେ । ସକାଳ ୮ଟାରେ ଏହି ଗଣଦୌଡ଼ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରୁ ବାହାରି ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ । ସୂର୍ଯ୍ୟମନ୍ଦିର ସମ୍ମୁଖରେ ଅତିଥିମାନେ ପତାକା ପ୍ରଦର୍ଶନ କରିବା ପାରେ ଗଣ ଦୌଡ ଆରମ୍ଭ ହୋଇଥିଲା । ଏଥିରେ ସାମିଲି ହୋଇଥିବା ପ୍ରତିଯୋଗୀମାନେ ଚନ୍ଦ୍ରଭାଗାଠାରେ ପହଞ୍ଚିବା ପରେ ଗଣଦୌଡ ଶେଷ ହୋଇଥିଲା । ଏହି ଅବସରରେ ଗଣଦୌଡରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । କୋଣାର୍କ ଉତ୍ସବକୁ ଅଧିକ ଲୋକାଭିମୁଖି କରିବା ଏବଂ ପଲିଥିନ ମୁକ୍ତ ଓ ସବୁଜ ପରିବେଶ ସୃଷ୍ଟି କରିବା ଉଦେଶ୍ୟରେ ଏହି ଗଣଦୌଡ଼ର ଆୟୋଜକ ତଥା ବସନ୍ତମଞ୍ଜରୀ ପାଠାଗାରର ସମ୍ପାଦକ ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରକାଶ କରିଛନ୍ତି ।

## ନୀଳାଦ୍ରି ବିହାର ୧୦ଟି ବସ୍ତିରେ ଡ୍ରୋନ୍ ସର୍ଭେ, ବସ୍ତି ବାସିନ୍ଦାଙ୍କୁ ମିଳିବ ଭୂମି ଅଧିକାର



ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୪ ନମ୍ବର ଓାର୍ଡରେ ଦଶଟି ବସ୍ତିରେ ଡ୍ରୋନ୍ ସର୍ଭେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା ମଙ୍ଗଳା ବସ୍ତିରେ ଅନୁଷ୍ଠିତ ସର୍ଭେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୧୪ ନମ୍ବର ଓାର୍ଡର କର୍ପୋରେଟର ମୋନାଲିସା ସାହୁ ଯୋଗଦେଇ ସର୍ଭେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସୁକାଂ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀମତୀ ସାହୁ କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାନଗର ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ଜମି ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ଏକ ଯୁଗାଂକାରୀ ପଦକ୍ଷେପ। ସେ ସବୁବେଳେ ବସ୍ତି ବାସୀନ୍ଦାଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରି ଆସୁଛନ୍ତି। ଜାଗା ମିଶନ ଯୋଜନା ମାଧ୍ୟମରେ ବସ୍ତିରେ ଡ୍ରେନ୍, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ଓ ଷ୍ଟ୍ରିଟ ଲାଇଟ ଆଦି ଯୋଗାଇ ଏହାକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି। ଏବେ ସମସ୍ତଙ୍କୁ ଭୂମି ଅଧିକାର ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ ସାହୁ, ୧୪ ନମ୍ବର ଓାର୍ଡ ସିଇଓ ଦେବସ୍ୱିନୀ ପଟ୍ଟନାୟକ, ଓାର୍ଡ ଅଧିକାରୀ ସୁଜିତ କୁମାର ସ୍ୱାଇଁ, ରିତ କୁମାର ସ୍ୱାଇଁ, ଅମିୟ ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ବନ୍ଧରେ କହିବା ସହିତ ମଙ୍ଗଳା ବସ୍ତିକୁ ପ୍ରଶଂସା କରିଥିଲେ। ବସ୍ତିର ସମ୍ପାଦକ ଅର୍ଜୁନ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଇଶାନେଶ୍ୱର, ସାତ ଘରିଆ, ଓମଫେଡ୍, ରିକସା, ପଣ୍ଡାପାର୍କ, ହରେକୃଷ୍ଣ ନଗର, ସୀତାନାଥ, ସୋମନାଥ ଓ ଆଦର୍ଶ ବସ୍ତିରେ ଡ୍ରୋନ୍ ସର୍ଭେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବସ୍ତି ବାସିନ୍ଦା ଉପସ୍ଥିତ ରହି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିବା ସହିତ କୃତଜ୍ଞତା ଜଣାଇଥିଲେ।

## ଶତାୟୁ ବ୍ୟକ୍ତିଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବଡ଼କାଏମା ପଂଚାୟତ ଗୋପନଗର ଗ୍ରାମର ଶତାୟୁ ପୁରୁଷ ସୂର୍ଯ୍ୟମଣି ରାଉତ(୧୦୦)ଙ୍କର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ମହେନ୍ଦ୍ର, ବୋହୂ ଉର୍ମିଳା, ନିରୂପମା, ଝିଅ ମନି, ବାସନ୍ତି, ଶାନ୍ତି, ପ୍ରତି, କାଂଚନ, ଜ୍ୱାଇଁ ସଦାନନ୍ଦ, ଯୋଗୀ, ଅନିରୁଦ୍ଧ, ପ୍ରଫୁଲ୍ଲ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । କାଏମା, ଗୋପନଗର ଓ ନାଉପାଳ ସ୍କୁଲ ପ୍ରତିଷ୍ଠାରେ ସ୍ୱର୍ଗତ ରାଉତଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ବେଳେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ । ଖବରପାଇ ବିଜେପି ନେତ୍ରୀ ସ୍ମୃତିରେଖା ପହି, ବିଜେଡ଼ି ନେତା କ୍ଷିତିଶ ନାୟକ, କାଏମା ପୋଷ୍ଟମାଷ୍ଟର ଧନେଶ୍ୱର ମହାନ୍ତି, ଅଭିଷେକ ରାଉତଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ପୁଅ ମହେନ୍ଦ୍ର ମୁଖାଗ୍ନି ଦେଇଥିଲେ ।

## ଶହୀଦ ଦିବାକର ପରିଡ଼ାଙ୍କ ଆତ୍ମବଳିର ପଟ୍ଟାନ୍ତର ନାହିଁ



ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ, ଆମେ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ରଣପୁର ପ୍ରଜା ଆନ୍ଦୋଳନରେ ଭାଗ ନେଇ ଶହୀଦ ହୋଇଥିବା ଦିବାକର ପରିଡ଼ାଙ୍କ ୧୧୨ତମ ଜୟନ୍ତୀ ସ୍ଥାନୀୟ ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ପୂଜ୍ୟପୂଜା ହେଉଛି ଉତ୍କଳର ପାତାଳଭେଦୀ ସଂସ୍କୃତି। ଶହୀଦ ଦିବାକର ପରିଡ଼ା ଥିଲେ ଉତ୍କଳ ମାଟିର ସୁଯୋଗ୍ୟ ସନ୍ତାନ ଏବଂ ମା', ମାଟି, ମାତୃଭାଷା ପାଇଁ ଏକ ସମର୍ପିତ ବ୍ୟକ୍ତିତ୍ୱ। ମହାନ୍ ବିପ୍ଳବୀ, ସଂଗ୍ରାମୀ ତଥା ଦେଶ ମାତୃକା ପାଇଁ ତାଙ୍କ ଆତ୍ମ ବଳିଦାନ ଥିଲା ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ସରକାରଙ୍କ ଅନୁସଚିବ ଲକ୍ଷ୍ମୀଧର ବେହେରା, ଅଭୟ ବଡ଼ଜେନା, ପ୍ରଫେସର ବାମନ ପରିଡ଼ା, ନିତ୍ୟ ନିରଞ୍ଜନ ପଣ୍ଡା, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ମନୋରଞ୍ଜନ ମହାନ୍ତି, ସଞ୍ଜୟ ପରିଡ଼ା, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିବା ସହ ସ୍ମୃତିଚାରଣ କରିବା ସହିତ ବୀରତ୍ୱର ପ୍ରତୀକ ପାଇକ ଆଖଡ଼ା ନୃତ୍ୟ ନିର୍ଦ୍ଦେଶକ କବିରାଜ ପ୍ରଧାନଙ୍କ ନେତୃତ୍ୱରେ ପରିବେଷଣ କରାଯାଇଥିଲା, ଯାହାକି ବେଶ୍ ଭାବବିହ୍ୱଳ ପରିବେଶ ପ୍ରତିଭାଧାରୀ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା, ଦିବ୍ୟାଙ୍ଗ ସମାଜସେବିକା ନର୍ମଦା ବେହେରା, ବାମନ ପରିଡ଼ା, ଲକ୍ଷ୍ମୀଧର ବେହେରାଙ୍କୁ ଶହୀଦ ଦିବାକର ପରିଡ଼ା ସ୍ମୃତି ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନାରାୟଣ ଖୁଣ୍ଟିଆ, ସୁରେନ୍ଦ୍ର କୁମାର ସାହୁ, ନରେନ୍ ସାହୁ ପ୍ରମୁଖ ପରିଚାଳନା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ଅନ୍ଧାରି ଶାସନକୁ ପ୍ରତିହତ କରିଥିଲେ ଶହୀଦ ଦିବାକର



ଖୋର୍ଦ୍ଧା (ପିଏନ୍): ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଶହୀଦ ଦିବାକର ପରିଡ଼ାଙ୍କ ଜନ୍ମ ଜୟନ୍ତୀ ନିରାଡ଼ମ୍ବର ଭାବେ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଠାରେ ଥିବା ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶହୀଦ ରଘୁ ଦିବାକର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଆକାଶର ଘନଘଟା ଅନ୍ଧକାରକୁ ଅପସରି ଦେଇ ଯିଏ ଦୀପ୍ତିମାନ, ତେଜୀୟାନ ହୋଇ ପ୍ରକଟ ହୁଏ, ସିଏ ହିଁ ସୂର୍ଯ୍ୟ। ଯିଏ ସୂର୍ଯ୍ୟ, ସିଏ ହିଁ ରବି ବା ଦିବାକର। ଏମିତି ଦିନେ ରଣପୁର ଗଡ଼ଜାତର ଅନ୍ଧକାର ଶାସନକୁ ଅପସରିଦେବା ପାଇଁ ଯିଏ ପ୍ରକଟ ହୋଇଥିଲେ, ସିଏ ଥିଲେ ଦିବାକର ପରିଡ଼ା। ୧୯୧୧ ମସିହା ନଭେମ୍ବର ୩୦ ତାରିଖରେ ଗଡ଼ବାଣୀକିଲୋର ବିଷୋୟୀ ସାମନ୍ତ ହରିହର ପରିଡ଼ା ଓ ତାରା ଦେବୀଙ୍କର ଜ୍ୟେଷ୍ଠ ସନ୍ତାନ ରୂପେ କୋଳମଣ୍ଡନ କରିଥିଲେ ଦିବାକର । ରାଜତନ୍ତ୍ର ଓ ବ୍ରିଟିଶ୍ ତନ୍ତ୍ର ବିରୋଧରେ ପ୍ରଜାମଣ୍ଡଳ ଗଠନ ହୋଇଥିଲାବେଳେ ରଣପୁରରେ ଦିବାକର ଏହାର ନେତୃତ୍ୱ ନେଇଥିଲେ। ସାଥୀ ରଘୁନାଥଙ୍କ ସହ ସେ ଗାଁ ଗାଁ ବୁଲି କୁଚକ୍ରୀ ରାଜଶାସନ ତଥା ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତୋଳନ କରିଥିଲେ। ଶେଷରେ ମେଜର ବେଜେଲଗେଟଙ୍କ ହତ୍ୟା ଅଭିଯୋଗରେ ୧୯୪୧ ମସିହା ଏପ୍ରିଲ୍ ୪ ତାରିଖ ଦିନ ସେ ଫାଶୀବରଣ କରିଥିଲେ। ଶହୀଦ ଦିବାକର ଖୋର୍ଦ୍ଧା ବିଜେବି ହାଇସ୍କୁଲରେ ପଢୁଥିବାରୁ ଖୋର୍ଦ୍ଧାମାଟି ତାଂକ ପାଇଁ ଗର୍ବିତ ବୋଲି ଶ୍ରୀ ବଳିଆରସିଂହ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଲକ୍ଷ୍ମୀଧର ସାମନ୍ତରାୟ, ସମାଜସେବୀ ଭଗବାନ ପଶ୍ଚିମକବାଟ, ନ୍ୟୁଜ୍ ୭ର ପ୍ରଯୋଜକ ସମରେନ୍ଦ୍ର ବଳିଆରସିଂହ, ଯୋଗ ପ୍ରଶିକ୍ଷକ ଜ୍ୟୋତିରଂଜନ ସାହୁ ପ୍ରମୁଖ ଯୋଗଦେଇ ଶହୀଦ ଦିବାକରଙ୍କ ବହୁମୁଖୀ ଗୁଣାବଳି ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ଚୋରା ଚାଲାଣକୁ ବିରୋଧ ପରେ ମାପଚୁପ ହେଲା ବିବାଦୀୟ ବାଲିଘାଟ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ଗତ ସୋମବାର ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ବାଲି ଚୋରା ଚାଲାଣକୁ ବିରୋଧ ପରେ ବିବାଦୀୟ ବାଲିଘାଟକୁ ମାପଚୁପ କରିଛି ପ୍ରଶାସନ । ଉଭୟ ତହସିଲର ସୀମାନ୍ତରୁ ବାଲି ଉତୋଳନ ହେଉଥିବା ବେଳେ ଧର୍ମଶାଳା ତହସିଲ ଅଧୀନ ରାସ୍ତାରେ ଏହା ପରିବହନ ହେଉଥିବା ମାପଚୁପରୁ ଜଣାପଡ଼ିଥିଲା । ଫଳରେ ଏହି ବେଆଇନ ଘାଟରୁ ବାଲି ଉତୋଳନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଥିଲେ । ଏହା ଜଣାପଡ଼ିବା ପରେ ଗତକାଲି ପୂର୍ବାହ୍ଣରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ଉକ୍ତ ବେଆଇନ ବାଲିଘାଟକୁ ବିରୋଧ କରିବା ସହିତ ଏକ ବାଲି ବୋଝେଇ ହାଇଓ୍ୱା ଓ ୨ଟି ପୋକଲିନ୍ ମେସିନ୍‌କୁ ଅଟକାଇଥିଲେ । ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ଘଟଣା ସଂପର୍କରେ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇ ଆଜି ମାପଚୁପ କରାଇବା ବ୍ୟବସ୍ଥା କରାଇଥିଲେ । ତେବେ ଗ୍ରାମବାସୀଙ୍କ ଦ୍ୱାରା ଅଟକ ହୋଇଥିବା ବାଲି ବୋଝେଇ ହାଇଓ୍ୱା ଓ ୨ଟି ପୋକଲିନ୍ ମେସିନ୍‌କୁ ଜବତ କରିବା କିମ୍ବା ମାଲିକଙ୍କ ଠାରୁ ଜରିମାନା ଆଦାୟ ହେଲା କି ନାହିଁ ପ୍ରଶାସନ ଏହା ସ୍ପଷ୍ଟ କରିନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

## ରାଜସ୍ୱ ବିଭାଗ ପକ୍ଷରୁ ଚଢଉ, କଳାପଥର ବୋଝେଇ ୫ ଗାଡି ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇ ୫ ଗୋଟି କଳାପଥର ବୋଝେଇ ଗାଡିକୁ ଜବତ କରାଯାଇଛି । ରାଜସ୍ୱ ବିଭାଗ ପକ୍ଷରୁ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଅରଆଇ ଚନ୍ଦନ କୁମାର ସାହୁ, ସୁନିଲ କୁମାର ନାୟକ ଓ ଏଆରଆଇ ଜଗବନ୍ଧୁ ଜେନା ପ୍ରମୁଖ ଏହି ତହସିଲ ଅନ୍ତର୍ଗତ ଲୁଣିବର ଖାଦାନରୁ କଳାପଥର ବୋଝେଇ କରି ଆସୁଥିବା ୨ଟି ଟିପର ଓ ୨ଟି ହାଇଓ୍ୱା ଗାଡିକୁ ଯାଂଚ କରିଥିଲେ । ଏହି ଗାଡିଗୁଡିକ ସଠିକ କାଗଜପତ୍ର ଦେଖାଇ ନପାରିବାରୁ ସେଗୁଡିକୁ ଜବତ କରି ଚଡେଇଧରା ପୁଲିସ ଚେକପୋଷ୍ଟରେ ଅଟକ ରଖିଥିଲେ । ସେହିପରି ନାକପୋଲ ନିକଟରେ ବାଜବାଟି କଳାପଥର ଖାଦାନରୁ କଳାପଥର ପରିବହନ କରୁଥିବା ଏକ ଟିପର ଗାଡିକୁ ଅଟକାଇ କାଗଜପତ୍ର ଯାଂଚ କରିଥିଲେ । ତେବେ ଏହି ସମୟରେ ଉକ୍ତ ଗାଡିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯିବାରୁ ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସରକାରୀ କାମରେ ଅବସର କର୍ମଚାରୀଙ୍କୁ ଦାୟିତ୍ୱ ଦେବାକୁ ନେଇ ବିବାଦ

କେନ୍ଦୁଝର,(ପି.ଏନ): ସ୍ଥାନୀୟ ସଂସ୍କୃତି ଭବନ ଠାରେ ଗତ ୨୮ ତାରିଖ ଦିନ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ୯ ଗୋଟି ପୌରପରିଷଦର ୫୨ଜଣ ଜଳସାଥିଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର ର ପରିଚାଳନା ଦାୟିତ୍ୱରେ କେନ୍ଦୁଝରଗଡ ପୌରପାଳିକାର କର୍ମଚାରମାନଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଗତ ମାର୍ଚ୍ଚ ମାସରେ ଅବସର ନେଇଥିବା କର୍ମଚାରୀ ଶିଶିର ଦାସ ଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଥିଲା। କେନ୍ଦୁଝରଗଡ ପୌରପାଳିକାର ଚିଠି ନଂ ୮୮୭୨ ତା ୨୫/୧୧/୨୦୨୨ରେ ଏହି ଚିଠି କରାଯାଇଥିଲା। ଯାହାକୁ ନେଇ ବିବାଦ ଦେଖାଦେଇଛି। ଅବସରପ୍ରାପ୍ତ କର୍ମଚାରୀଙ୍କୁ କିପରି ଏଭଳି ସରକାରୀ କାର୍ଯ୍ୟକ୍ରମ ପରିଚାଳନାରେ ପୌରପାଳିକା ପକ୍ଷରୁ ନିୟୋଜନ କରାଗଲା ତାହାର ତଦନ୍ତ ହେବା ଜରୁରୀ ବୋଲି ପୂର୍ବତନ ପୌରାଧ୍ୟକ୍ଷ ପ୍ରଭନ ପଟ୍ଟନାୟକ କହିଛନ୍ତି। କେନ୍ଦୁଝରଗଡ ପୌରପାଳିକାର ଅବସରପ୍ରାପ୍ତ କର୍ମଚାରୀ ଶିଶିର ଦାସ ଙ୍କୁ କଲ୍ୟାଣମଣ୍ଡପ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ସରକାରୀ ନୀତିନିୟମ ଉ୍ଲଙ୍ଗନ କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ କିପରି ସରକାରୀ ଦାୟିତ୍ୱ ଦିଆଯାଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ ହୋଇଛି। ଅବସର ପରେ ଅଫିସ କୁ ଯାଇ ବିଭିନ୍ନ ଫାଇଲପତ୍ର କାମ କରୁଛନ୍ତି। ତାଙ୍କ ସମୟରେ ବହୁ ବେଆଇନ କାମ ହୋଇଥିବାରୁ ସେସବୁର ଯାଂଚ ନକରିବାକୁ ଦାବୀ ହୋଇଆସୁଥିବାବେଳେ ତାହାର ତଦନ୍ତ ନକରି ତାଙ୍କୁ ଅବସର ପରେ ଫାଇଲ କାମ କରିବାକୁ ସୁଯୋଗ ଦିଆଯାଉଥିବାରୁ ବହୁ କାଉନସିଲର ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ସାଙ୍ଗାତିକ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବୀ ହୋଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡ଼ା,(ପି.ଏନ):ଜନୈକ ମାନସିକ ଭିନ୍ନକ୍ଷମ ମହିଳାଙ୍କ ନିକଟରୁ ବେଆଇନ ଭାବେ ଜମି କବଲା କରିନେଇ ତାଙ୍କୁ ଘରୁ ବାହାର କରିଦେଇଥିବା ଘଟଣା ବିରୋଧରେ ନ୍ୟାୟ ପ୍ରଦାନ ଦାବିରେ ସଂପୃକ୍ତ ପରିବାର ସହିତ ଗ୍ରାମର ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଡଜରିଆ ଗ୍ରାମର ସ୍ୱର୍ଗତ ଧରଣୀଧର ରାଉଳଙ୍କ ମାନସିକ ଭିନ୍ନକ୍ଷମ ଝିଅ ମାତା ରାଉଳ କରିଥିବା ଅଭିଯୋଗ ଅନୁଯାୟୀ ସେହି ଗ୍ରାମର କେତେକ ଖଳ ପ୍ରକୃତିର ବ୍ୟକ୍ତିମାନେ ତାଙ୍କୁ ଗତ ୨୦୧୮ମସିହାରେ ସବରେଜିଷ୍ଟରଙ୍କ କାର୍ଯ୍ୟାଳୟକୁ ନେଇ ବିନା ଜରସମନରେ ତାଙ୍କ ନାମରେ ଥିବା ଜମିକୁ ରେଜେଷ୍ଟ୍ରି କବଲା କରିନେଇ ଥିଲେ।

## ଆଠ ଦଫା ଦାବି ଜଣାଇଲା ମାଧ୍ୟମିକ ଶିକ୍ଷକ ସଂଘ

ଚମ୍ପୁଆ,(ପି.ଏନ): ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଚମ୍ପୁଆ ପକ୍ଷରୁ ସଂପାଦକ ମନରଂଜନ ମହାନ୍ତଙ୍କ ନେତୃତ୍ୱରେ ଶିକ୍ଷକ ମାନେ ରାଜ୍ୟ ସରକାର, ବିଭାଗିୟ ମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଠ ଦଫା ସମ୍ବଳିତ ଦାବି ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ପ୍ରଦାନ କରିଛନ୍ତି। ଶିକ୍ଷକଙ୍କୁ ସପ୍ତମ ବେତନ କମିସନ ସୁବିଧା ପ୍ରଦାନ। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା, ଚାକିରୀ ସର୍ତାବଳି ଲାଗୁ କରିବା, ଚାକିରୀ ବୟସ ସୀମା ୬୦ ରୁ ୬୨ ବର୍ଷ କୁ ବୃଦ୍ଧି କରିବା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କ ଦାବୀ ପୂରଣ କରାଯାଉ, ଅବସର କାଳିନ ସୁବିଧା, ସମସ୍ତ ସ୍କୁଲ ଓ କଲେଜ ଭଳି ଶିକ୍ଷକଙ୍କୁ ସୁବିଧା ପ୍ରଦାନ ଆଦି ଦାବି କରାଯାଇଥିଲା। ଶିକ୍ଷକ ମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଁଚି ସମ୍ମୁଖିନ ହୋଉଥିବା ସମସ୍ୟା ସମ୍ବନ୍ଧରେ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ଙ୍କ ସହ ଆଲୋଚନା କରିବା ପରେ ଏହି ଦାୟୀ ପତ୍ର ପ୍ରଦାନ କରିଥିଲେ।

## ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ଆନୁକୁଲ୍ୟରେ ଏମ୍.ଏସ୍.ଏମ୍.ଇ.ରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧୀୟ ଏକ ଦିବସୀୟ ସମ୍ମିଳନୀ

ଭୁବନେଶ୍ୱର,(ପି.ଏନ): ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଓ ଓଡ଼ିଶାର କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ଆନୁକୁଲ୍ୟରେ ମଧ୍ୟ କ୍ଷୁଦ୍ର ଓ ଲଘୁ ଓ ଅଣୁ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ହୋଟେଲ ଗ୍ରାଣ୍ଡ ସେଂଟ୍ରାଲରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ମଜଦୁର କଂଗ୍ରେସର ସଭାପତି ତଥା ପ୍ରାକ୍ତନ ସାଂସଦ ପୌରହିତ କରିଥିଲେ। ସେ ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାର ଶ୍ରମିକ ମାନଙ୍କର ଶ୍ରମିକ ମାନଙ୍କ ନିମିତ ଉର୍ଦ୍ଧିଷ୍ଟ ଆଇ.ଏଲ.ଓ କନ୍‌ଭେନସନକୁ ମାନୁନାହାନ୍ତି। ଯାହାଦ୍ୱାରା ସାରା ଦେଶରେ ଶ୍ରମିକ ମାନେ ଅନେକ କ୍ଷେତ୍ରରେ ସୁରକ୍ଷା ଅଭାବରୁ ଜୀବନ ହରାଉଛନ୍ତି। ସ୍ୱାସ୍ଥ୍ୟ ହିଁ ସମ୍ପଦ ଉକ୍ତିକୁ କେନ୍ଦ୍ର ସରକାର ବେଖାତିର କରୁଛନ୍ତି। ବିଶେଷକରି ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକ ଅଶିକ୍ଷିତ ଓ ଅଣକୁଶଳୀ ଅଟନ୍ତି। ସେମାନଙ୍କୁ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧରେ ସ୍ୱାକ୍ଷରତ କରିବା ସମେତ ସ୍ୱାସ୍ଥ୍ୟ ସୁରକ୍ଷାର ଉପଯୁକ୍ତ ବ୍ୟବସ୍ଥା କରିବା ଦରକାର। ବିଗତ ମହାମାରି କରୋନା ସମୟରେ ଲକ୍ଷ ଲକ୍ଷ ଶ୍ରମିକ ପ୍ରାଣ ହରାଇଥିଲେ ବି ସେମାନଙ୍କ ପରିବାର ପାଇଁ କୌଣସି ସାମାଜିକ ସୁରକ୍ଷାର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ସରକାର ଏମ୍.ଏସ୍.ଏମ୍.ଇକୁ ଯେଉଁ ଭାବରେ ପ୍ରାଧାନ୍ୟ ଦେଉଛନ୍ତି ଅନୁରୂପ ଭାବରେ ସେହି ଶ୍ରମିକମାନଙ୍କୁ ସର୍ବନିମ୍ନ ଦରମା, ଉପଯୁକ୍ତ କର୍ମସ୍ଥଳି ଓ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଦରକାର। ସରକାର ସର୍ବନିମ୍ନ ମଜୁରୀ ଏବଂ ସ୍ଥାୟୀ ନିଯୁକ୍ତିରୁ ଦୂରେଇ ଯିବା ଉଦ୍ଦ୍ୟଶରେ କାରଖାନା ମାନଙ୍କରେ ଆପ୍ରେଂଟିସ୍ ବର୍ଷ ବର୍ଷ ଦରି ମାତ୍ର ୬ ହଜାର ରୁ ୭ ହଜାର ଟଙ୍କାରେ ନିଯୁକ୍ତି ଦେଉଛନ୍ତି।

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଚମ୍ପୁଆ,(ପି.ଏନ): ସମଗ୍ର ଶିକ୍ଷା କେନ୍ଦୁଝର ଅନୁକୁଲ୍ୟାରେ ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତଥାବଧାନରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସ୍ଥାନିୟ ବି.ଆର.ସି ସଭା ଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଓ ଅବିଭାବକ ଯୋଗ ଦେଇଥିଲେ। ଭିନ୍ନକ୍ଷମ ମାନେ ସମାଜରେ ଅବହେଳିତ ନୁହଁନ୍ତି ସାମାଜିକ ସ୍ରୋତରେ ଏମାନେ ବି ସାମିଲ ହୋଇ ପାରି ପଙ୍ଗୁ ଲଂଘୟତେ ଗିରି ବୋଲି ପ୍ରମାଣ କରି ପାରିବେ। ଏହି ପରିପେକ୍ଷୀରେ ବି.ଆର.ଟି ସରୋଜ କୁମାର ଦାସଙ୍କ ତତ୍ୱାବଧାନରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଏକ ଶୋଭା ଯାତ୍ରା ସଚେତନକ ମୂଳକ ବାର୍ତା ନେଇ ସହର ପରିକ୍ରମା କରିଥିଲା। ଅନ୍ୟ ପକ୍ଷରେ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକଙ୍କ ଦ୍ୱାରା ଭିନ୍ନକ୍ଷମ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ତାଲିମ, ଥରାପି ଓ ପରାମର୍ଶ ପାଇଁ ସ୍ଥାପନ କରାଯାଇଥିବା ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବି.ଆର.ସି କ୍ଷୀରୋଦମଣୀ ମହାନ୍ତ, ବି.ଆର.ଟି ତପସ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ। ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ। ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା। ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି। ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି। ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ। ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି।ଏହାର ସମାଧାନ ଆମ ନିଜ ପାଖରେ ଅଛି।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ।

# ପଦ୍ମପୁର ପ୍ରତି ଅବହେଳା ପ୍ରତିବାଦରେ କଂଗ୍ରେସକୁ ଭୋଟ ଦିଅନ୍ତୁ : ଶରତ ପଟ୍ଟନାୟକ




ପଦ୍ମପୁର ,(ପି.ଏନ): ଆଜି ପାଇକମାଳ ବ୍ଲକର ଲଉଡମାଲ ସ୍ଥିତ ମହାମାୟା ପରିସରରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିନଳୀ ଅନୁଷ୍ଠିତ ହୋଇଥିଲା। ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ମୁଖ୍ୟମନ୍ତ୍ରୀଙ୍କର କର୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ କହିଥିଲେ ଯେ ପ୍ରଥମେ ମୁଖ୍ୟମନ୍ତ୍ରୀ ୨୦୨୩ରେ ପଦ୍ମପୁରର ବିକାଶ ତାଲିକା ଧରି ଆସନ୍ତୁ ତାପରେ ୨୦୨୪ ସାଧାରଣ ନିର୍ବାଚନରେ ପଦ୍ମପୁରବାସୀ ବିଜେଡ଼ିକୁ ଭୋଟ ଦେବା କଥା ବିଚାର କରିବେ। ଏବେ ୨୦୨୨ ଡିସେମ୍ବର ୫ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କୁ ଭୋଟ ଦିଅନ୍ତୁ। ଶ୍ରୀଯୁକ୍ତ ସତ୍ୟ ଭୂଷଣ ସାହୁ ଏହି ସମ୍ମିଳନୀରେ ଅଭିଯୋଗ କରିଥିଲେ ଯେ ବିଜେଡ଼ି ଦଳ କୋଟି କୋଟି ଟଙ୍କା ଖର୍ଚ୍ଚକରି ପଦ୍ମପୁର ନିର୍ବାଚନ ମଣ୍ଡଳୀର ତଥା ବରଗଡ଼ ଜିଲ୍ଲା ବାହାରୁ ଲୋକଙ୍କୁ ଆଣି ମୁଖ୍ୟମନ୍ତ୍ରୀଙ୍କ ରାଲି ପାଇଁ ଲୋକ ଆଣଛି। ଜଣେ ବିଧାୟକ ପ୍ରାର୍ଥି ପାଇଁ ସର୍ବୋଚ୍ଚ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ସୀମା ଥିବାବେଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆଦର୍ଶ ଆଚରଣ ବିଧିର ଖୋଲା ଉଲଂଘନ କରିଛି। ନିର୍ବାଚନ କମିଶନର ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ତାଙ୍କ ଅଭିମତରେ ଦର୍ଶାଇଥିଲେ ଯେ ରାଜ୍ୟ ନବୀନ ସରକାରଙ୍କ ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ କ୍ରମାଗତ ଅବହେଳା କ୍ଷମଣୀୟ ନୁହେଁ। ସେ ଉଦାହରଣ ଦେଇ କହିଥିଲେ ଯେ ପଦ୍ମପୁରକୁ ଜିଲ୍ଲା କରିବା କେବଳ ପ୍ରତିଶ୍ରୁତିରେ ରହିଗଲା। ଗତ ଡିସେମ୍ବର ୧, ୨୦୨୨ ରେ ମୋରଡ଼ା ବିଧାୟକ ଶ୍ରୀଯୁକ୍ତ ରାଜକିଶୋର ଦାଶଙ୍କ ଏକ ପ୍ରଶ୍ନର ଉତର ଦେଇ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ରାଜ୍ୟର ନୂଆ ଜିଲ୍ଲା ଗଠନ କରିବାର କୌଣସି ପ୍ରସ୍ତାବ ନାହିଁ ବୋଲି ରୋକ ଠୋକ ମନା କରିଦେଇଥିବା ସ୍ଥଳେ ମୁଖ୍ୟମନ୍ତ୍ରୀ ପଦ୍ମପୁରରେ ସାଧାରଣ ସଭାରେ ପଦ୍ମପୁରକୁ ଜିଲ୍ଲା କରିବା ଘୋଷଣା କରିବା କେତେଦୂର ଗ୍ରହଣୀୟ ? ବିଜେଡ଼ି ସରକାର କାହାକୁ ଠକୁଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଚାଷୀମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ସୂଚନା ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନା ରାଜ୍ୟ ସରକାର ଏମଏସ୍ପି ଧାନଦର ବଢ଼ାଇଲେ ନାହିଁ କିମ୍ବା ମରୁଡ଼ି ପ୍ରପିଡ଼ିତ ପଦ୍ମପୁର ପାଇଁ ଅଙ୍ଗ ନଦୀ ଉପରେ ଜଳ ପ୍ରକଳ୍ପ କଲେ ନାହିଁ। ବର୍ଷ ବର୍ଷ ଧରି ଧାନର ଅଭାବୀ ବିକ୍ରି ସତ୍ତ୍ୱେ କୌଣସି ପଦକ୍ଷେପ ନେଲେନାହିଁ। ଇନପୁଟ ସବସିଡି ପକାଇ ରଖି ଉପନିର୍ବାଚନ ପରେ ଘୋଷଣା କଲେ। ଅନୁରୂପ ଭାବେ କେନ୍ଦ୍ର ବିଜେପି ସରକାର ମଧ ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ରେଳପଥ ନିର୍ମାଣ ଦାବି ପ୍ରତି ଅଣଦେଖା କରି ଚାଲିଛନ୍ତି। ଗନ୍ଧମାର୍ଦନକୁ ଇକୋ ସେଂସିଟିଭ ଯୋନରେ ରାଜ୍ୟ ସରକାରଙ୍କର ସୁପାରିଶ ଥାଇ ମଧ ଘୋଷଣା କରୁନାହାନ୍ତି। ସୁତରାଂ ବିଜେଡ଼ି ଓ ବିଜେପିର ପଦ୍ମପୁର ପ୍ରତି ବୈମାତୃଭାବ ପ୍ରତିବାଦରେ କଂଗ୍ରେସର ଯୋଗ୍ୟ ତଥା ସଚୋଟ ପାର୍ଥିତ ସତ୍ୟ ଭୂଷଣ ସାହୁଙ୍କ ଜିତାଇବାକୁ ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ, ଜିଲ୍ଲା କଂଗ୍ରେସ ସଭାପତି ନିହାର ମହାନନ୍ଦ, ଅନୁସୂଚିତ ଜନଜାତି ବିଭାଗ ଅଧକ୍ଷ ଭୁଜବଳ ମାଝୀ, ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା ଓ ପୂର୍ବତନ ବିଧାୟକ ବିନୋଦ ପାତ୍ର ଉପସ୍ଥିତ ଥିଲେ ବୋଲି ପିସିସି ଗଣମାଧ୍ୟମ ବିଭାଗ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟ ଓ ଯୁବ ରେଡ୍‌କ୍ରସ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ଡଃ. ସସ୍ମିତା ଶତପଥୀ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଦନ୍ତ ଚିକିତ୍ସକ ଡା. ଅରବିନ୍ଦ ନାୟକ ଏବଂ ବିଜୁ ମେମୋରିଆଲ ହସ୍ପିଟାଲର ଆଇ.ସି.ଟି.ସି କାଉନ୍‌ସିଲର ନଳିନୀକାନ୍ତ ଖୁଂଟିଆ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ରଛତ୍ରୀ ମାନଙ୍କୁ ଏଡସ୍ ରୋଗ ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ରେଡ୍‌କ୍ରସର ଦୁଇ ଅଧିକାରୀ ଶାଶ୍ୱତ ପଟ୍ଟନାୟକ ଓ ବ୍ରହ୍ମାନନ୍ଦ ବିଶ୍ୱାଳ ଏବଂ ଇଂରାଜୀ ବିଭାଗ ଅଧ୍ୟାପକ ଗଣେଶ୍ୱର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏଡସ୍ ରୋଗର ଭୟାବହତା ଓ ଏହାର ନିରାକରଣ ବିଷୟରେ ଆଲୋକପାତ କରିଥିଲେ । ଏତଦ୍‌ବ୍ୟତିତ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଏକ ଏଡସ୍ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ ।




## ପାରାଦୀପ ବନ୍ଦର ପକ୍ଷରୁ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ପାରାଦୀପ,(ପି.ଏନ):ପାରାଦୀପ ବନ୍ଦର ପକ୍ଷରୁ ଶନିବାର ଦିନ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପସ୍ଥିତ ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ ଜାଗୃତି ପରସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାରାଦୀପ ବନ୍ଦର ପ୍ରାଧିକରଣର ସଚୀବ ଡ.ପି.ଏନ୍.ବାହେକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଦେଶ ଗଠନରେ ସାମିଲ ହେଲେଣି, ସେମାନଙ୍କୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଦେବାକୁ ସରକାର ପ୍ରୟାସ ଜାରୀ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଡେପୁଟି କନଜରଭେଟର ଅଲେଖ ସାହୁ, ଜାଗୃତି ଶିକ୍ଷାନୁଷ୍ଠାନର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଅଧକ୍ଷା ଲିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ଏନ୍.କେ. ମହାନ୍ତି ।

# କେନ୍ଦୁଝର ଜିଲ୍ଲା ସ୍ତରୀୟ ଅନ୍ତର୍ନିବେଶି ସାଧନ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର,(ପି.ଏନ):ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ ୨୦୨୨ ପାଳନ ଅବସରର ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ରଶିକ୍ଷା, କେନ୍ଦୁଝର ପରିସରରେ ଜିଲ୍ଲାସ୍ତରୀୟ ଅନ୍ତର୍ନିବେଶୀ ସାଧନ କେନ୍ଦ୍ର ଜିଲ୍ଲାପାଳ ଶ୍ରୀଯୁକ୍ତ ଆଶିଷ ଠାକରେଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ପୌରହିତ୍ୟ କରିଥିଲେ । ସମ୍ମାନୀତ ଅତିଥି ଭାବେ ସଦର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ଯୋଗଦାନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ୧୭ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ଫୋନ୍ ଓ ୭ଜଣ ଶ୍ରବଣ ବାଧିତ ଛାତ୍ରଛାତ୍ରୀଙ୍କୁ ଶ୍ରବଣ ଯନ୍ତ୍ର ବ୍ଣ୍ଟନ କରିଥିଲେ । ସଦର ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରା ଆୟୋଜିତ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ବକ୍ତୃତା, ଦୌଡ଼ ଓ ପୁଚି ପ୍ରଭୃତିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭାରେ ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ପୀତବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶୁକଦେବ ପାଢୀ, ମମତା ମିଶ୍ର, ମୁରଲୀଧର ପଲାଇ (ବିଆରଟି), ଶାନ୍ତନୁ ପରେଲ(ସାଇଟସେଭର କର୍ମକର୍ତ୍ତା) ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟନ ମାନସ ମିଶ୍ର (ବିଆରସିସି,ସଦର) ଓ ଦୁର୍ଗାପ୍ରସନ୍ନ ଲାୟକ (ଆଦିବାସୀ ସଂଯୋଜକ, ସମଗ୍ର ଶିକ୍ଷା) ତଥା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, କେନ୍ଦୁଝରର ସମସ୍ତ କର୍ମଚାରୀ ଯଥା କୃଷ୍ଣଚନ୍ଦ୍ର ସାହୁ, ପ୍ରଫୁଲ ସେଠୀ, ସଦାଶିବ ସାହୁ, ତାପସ ସାମଲ, ସୋନାଲୀ ସୁଗାମିନୀ, ପ୍ରଜ୍ଞା ପରମିତା ସାହୁ, ସତ୍ୟନାରାୟଣ ମହାନ୍ତ, ସତ୍ୟ ନାରାୟଣ ସାହୁ, ଲୋପାମୁଦ୍ରା ଚକ୍ର, ଆଶିଷ କୁମାର ପତି, କମଳାକାନ୍ତ ଜେନା, ତ୍ରିଲୋଚନ ମଲ୍ଲିକ ଓ ସୁନିଲ କୁମାର ବେଜ ସହଯୋଗ କରିଥିଲେ । ଶେଷରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଝୁମ୍ପୁରା,(ପି.ଏନ):ସମଗ୍ର ଶିକ୍ଷା ,କେନ୍ଦୁଝର ପକ୍ଷରୁ ଝୁମ୍ପୁରା ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଶନିବାର ଦିନ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ସ୍ଥାନୀୟ ବିଡିଓ ଉମାକାନ୍ତ ପରିଡାଙ୍କ କରକମଳରେ ଗୋଷ୍ଠୀ ଅନ୍ତର୍ନିବେଶୀ ସାଧନ କେନ୍ଦ୍ର ଉଦ୍‌ଘାଟନ କରିବା ସହ ବିଶ୍ୱ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମ କୁ ମଧ୍ୟ ଉଦ୍‌ଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମ ବିଆର୍‌ଟି ମଙ୍ଗୁଳଚରଣ ମହାନ୍ତଙ୍କ ତତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ , ଅତିଥି ଭାବେ ଗୋଷ୍ଠୀଶିକ୍ଷାଧିକାରୀ ଦୁଃଶାସନ ସିଂ,ବ୍ଲକ ଆକାଉଂଟ ଅଫିସର ତଥା ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ହିରାଲାଲ୍ ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ନିଜକୁ ସକ୍ଷମ ମନେକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଉଦ୍‌ବୋଧନ ଛଳରେ କହିଥିଲେ । ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ସଭାଯାତ୍ରା ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୨୩୭ ଜଣ ଛାତ୍ରଛାତ୍ରୀ ,ଅଭିଭାବକ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ, କୁନି ନୃତ୍ୟଶିଳ୍ପୀ ରକ୍ଷିକା ପଣ୍ଡାଙ୍କ ନୃତ୍ୟ ର ତାଳେ ତାଳେ ଝୁମିଲେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

କେନ୍ଦୁଝର,(ପି.ଏନ):ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ତରଫରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସଅଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି.) ଆନୁକୂଲ୍ୟରେ ତା ୦୩.୧୨.୨୦୨୨ରିଖ ଶନିବାର ଦିନ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସବୁବେଳେ ସମ୍ମାନ ଦେବା ଏବଂ ଅବହେଳିତ ନକରି ସେମାନଙ୍କୁ ଉପଯୁକ୍ତ ସେବା, ସ୍ନେହ ଆଦର କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ସମସ୍ତଙ୍କୁ କହିଥିଲେ । ସନ୍ଥକବି ଭୀମଭୋଇ ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ସେ ସାରା ଦେଶରେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ତେଣୁ ଭିନ୍ନକ୍ଷମମାନେ ଉପଯୁକ୍ତ ସୁବିଧା ସୁଯୋଗ ପାଇଲେ ଅଲମ୍ପିକ୍ ଭଳି ଆର୍ନ୍ତଜାତୀୟସ୍ତରରେ ଖେଳି ଜିଲ୍ଲା ତଥା ଦେଶର ଗୌରବ ବଢାଇପାରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳ ହୋଇପାରିବେ ବୋଲି ସିଡିଏମ୍‌ପିଏଚ୍‌ଓ ଡାଃ ପୃଷ୍ଟି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଲଲାଟେନ୍ଦୁ ନାୟକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାଃ ଦେବେନ୍ ଦାସ ଏବଂ ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରନ ବରାଳ ଯୋଗଦେଇ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଲୁକ୍କାଇତ ଥିବା ପ୍ରତିଭାକୁ ବିକଶିତ କରି ଭବିଷ୍ୟତରେ ସେମାନେ ଜଣେ ଜଣେ ଭଲ ମଣିଷରେ ପରିଣତ ହୋଇ ଏକ ସୁସ୍ଥ ସମାଜ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ତେଣୁ ଭିନ୍ନକ୍ଷମମାନଙ୍କୁ ଉପେକ୍ଷା ନ କରି ସେମାନଙ୍କର ପ୍ରତି ସହାନୁଭୁତି, ସ୍ନେହ, ଶ୍ରଦ୍ଧା ଏବଂ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଥିଲେ । ପ୍ରାରମ୍ଭରେ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଆଇ.ଇ.ସି.ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ମାଧ୍ୟମରେ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ନୃତ୍ୟ ଓ ସଙ୍ଗୀତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## କମ୍ପାନୀ ପ୍ରତିଶୃତି ପାଣିର ଗାର-୫ ରେ ଆନ୍ଦୋଳନ ପାଇଁ ସଜବାଜ

ପାରାଦୀପ,(ପି.ଏନ): ପାରାଦୀପର ଷଣ୍ଡକୁଦ ବସ୍ତି ନିକଟରେ ନିର୍ମାଣ ହେବାକୁ ଯାଉଥିବା ନୁମାଳିଗଡ ରିଫାଇନାରୀ ପ୍ରକଳ୍ପରେ ନିଯୁକ୍ତି ଓ କର୍ମସଂସ୍ଥାନ ପାଇଁ ଷଣ୍ଡକୁଦବାସୀ ଦାବୀ ଓ ଆନ୍ଦୋଳନ କରି ଆସୁଥିଲେ । ଅତୀତରେ କମ୍ପାନୀ କର୍ତ୍ତୃପକ୍ଷ ବସ୍ତିବାସିନ୍ଦାଙ୍କ ଦାବି ଗୁଡିକ ପୁରଣ କରିବାର ଲିଖିତ ପ୍ରତିଶୃତି ମଧ୍ୟ ଦେଇଥିଲେ । କିନ୍ତୁ ଏହି ପ୍ରତିଶୃତି ଏବେ ପାଣିର ଗାର ଭଳି ପ୍ରତିୟମାନ ହେଉଛି । କମ୍ପାନୀ କର୍ତ୍ତୃପକ୍ଷ ବସ୍ତିବାସିନ୍ଦାଙ୍କ ସମସ୍ୟା ଓ ଦାବୀକୁ ଅଣଦେଖା କରି ନିଜ ପ୍ରୋଟେକ୍‌ସନ ପାଇଁ କିଛି ମୁଷ୍ଟିମେୟ ଲୋକଙ୍କୁ ଠିକା ଓ ନିଯୁକ୍ତି କାର୍ଯ୍ୟ ଦେଇଥିବା ନେଇ ଅଭିଯୋଗ କରିଛନ୍ତି ବସ୍ତିବାସିନ୍ଦା । ଏବେ ଏହାକୁ ନେଇ ବସ୍ତି ଅଂଚଳରେ ଉତେଜନା ବୃଦ୍ଧି ପାଇଛି । ଏହି ଘଟଣାକୁ ନେଇ ଶନିବାର ଦିନ ଷଣ୍ଡକୁଦ ନାଗରିକ ବିକାଶ ପରିଷଦ ସ୍ଥାନୀୟ ପ୍ରଶାସନ ସମେତ ଜିଲ୍ଲା ପ୍ରଶାସନ ନିକଟରେ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି । ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆସନ୍ତା ୫ତାରିଖ ଦିନ ଷଣ୍ଡକୁଦ ବସ୍ତିର ତିନୋଟି ୱାର୍ଡର ସମସ୍ତ ବସ୍ତିବାସିନ୍ଦା ସେମାନଙ୍କ ନ୍ୟାଯ୍ୟଦାବୀ ହାସଲ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବିକାଶ ପରିଷଦ ଚେତାବନୀ ଦେଇଛି । ତେବେ ପାରାଦୀପ ଶିଳ୍ପାୟନରେ ବିଭିନ୍ନ ପ୍ରଭାବଶାଳୀ ନେତାଙ୍କ ବାହୁଛାୟା ତଳେ କମ୍ପାନୀମାନେ ନିଯୁକ୍ତି ଓ କର୍ମସଂସ୍ଥାନ ଯୋଗାଣରେ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରିବା ଦ୍ୱାରା ସାଧାରଣରେ ଉତେଜନା ବୃଦ୍ଧି ପାଇ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାଘାତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ସ୍ଥାନୀୟ ଲୋକ ପ୍ରତିନିଧି, ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଏଦିଗରେ ବିଶେଷ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଠାରେ ମା' ରମାଦେବୀଙ୍କ ୧୨୩ ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ,ସର୍ବୋଦୟ ନେତ୍ରୀ,ଓଡ଼ିଶାର ସମସ୍ତଙ୍କ ପ୍ରିୟ ମା' ରମାଦେବୀଙ୍କ ୧୨୩ତମ ଜୟନ୍ତୀ ଆଜି ସକାଳେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ,ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ବିଭିନ୍ନ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ମା' ରମାଦେବୀଙ୍କ ସ୍ମୃତିରେଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେବୁଦ୍ଧିଜୀବୀ, ଅଧ୍ୟାପକ ,ଅଧ୍ୟାପିକା,କର୍ମଚାରୀ, ଛାତ୍ରୀ, ମା ଭଗବତୀ ଲଉଡି ନୃତ୍ୟ ଦଳ ଓ ଲକ୍ଷେଶ୍ୱର ଆଞ୍ଚଳିକ ସଂକୀର୍ତ୍ତନ ଦଳ ପକ୍ଷରୁ ଲଉଡି ଓ ସଂକୀର୍ତ୍ତନ ଶୋଭାଯାତ୍ରା କରାଯାଇ ବିଶ୍ୱବିଦ୍ୟାଳୟ ପରିକ୍ରମା କରିଥିଲା ।କୁଳପତି ଡ଼ଃ ଅପରାଜିତା ଚୌଧୁରୀ, କୁଳସଚିବ ଶ୍ୟାମଳୀ ମହାପାତ୍ର, ପିଜି କାଉନସିଲ ଅଧ୍ୟକ୍ଷ ଡ଼ଃ ଚଣ୍ଡୀ ଚରଣ ରଥ,ଡ଼ଃ ସସ୍ମିତା ମହାନ୍ତି ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ ପୂର୍ବକ ମା' ରମାଦେବୀଙ୍କୁଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶଶିଭୂଷଣ ବେହେରା,ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥୀ, ବିଧାୟକରମେଶ ଚନ୍ଦ୍ର ସାଏ, ବିଧାୟକ ମୌଷଧି ବାଗ,ଓଡ଼ିଶା ବିଧାନସଭାର ସଚିବ ଦାଶରଥି ଶତପଥୀ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ, ରବି ନାରାୟଣ ନନ୍ଦ,ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ ଯୋଗ ଦେଇ ବକ୍ତବ୍ୟ ମା' ରମାଦେବୀଙ୍କ ଜୀବନ କାହାଣୀ ଓ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା' ରମାଦେବୀ ଓଡିଶାରେ ଖଦିର ବହୁଳ ବ୍ୟବହାର ଓ ପ୍ରଚାର ପ୍ରସାର , ମୌଳିକ ଶିକ୍ଷା,ଅସ୍ପୃଶ୍ୟତା ନିରାକରଣ,ନିଶା ନିବାରଣ,ଗ୍ରାମ ସ୍ୱରାଜ ପ୍ରତିଷ୍ଠା,କୁଟୀର ଶିଳ୍ପର ବିକାଶ ଓ ମହିଳା ସଶକ୍ତିକରଣରେ ନିଜକୁ ନିୟୋଜିତ କରିଥିଲେ ।ଦେଶ ସ୍ୱାଧୀନତା ପରେ ସେ କୌଣସି କ୍ଷମତା ରାଜନୀତିରେ ସାମିଲ ନହୋଇ ଲୋକସେବାରେ ନିଜକୁ ନିୟୋଜିତ କରିଥିଲେ ବୋଲି ବକ୍ତାମାନେ ମତଦେବା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କୁମା' ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବିଶିଷ୍ଟ ବକ୍ତାମାନେ ଉପଦେଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମା ରମାଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଶ୍ରୀ ଲକ୍ଷ୍ମୀଧର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

TUITION CLASSES
for Std I to Std V
Timing: 5 PM to 6.30 PM
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray